ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୬ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 FEBRUARY 2023

Vol.No. 34 ■ No. 45 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଜି ତ୍ରିପୁରା ବିଧାନସଭା ପାଇଁ ଭୋଟ ଗ୍ରହଣ

ନୂଆଦିଲ୍ଲୀ,୧୫/୦୨ : ତ୍ରିପୁରା ବିଧାନସଭାର ୬୦ଟି ଆସନ ପାଇଁ ଆସନ୍ତାକାଲି ଭୋଟ ଗ୍ରହଣ ହେବ । ନିର୍ବାଚନ ପ୍ରଚାର ଶେଷ ହୋଇଛି । ରାଜ୍ୟରେ ୬୦ଟି ବିଧାନସଭା ଆସନରେ ମୋଟ ୨୫୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବିଜେପି ପୁଣିଥରେ କ୍ଷମତାକୁ ଫେରିବାକୁ ଅଣ୍ଟା ଭିଡିଥିବା ବେଳେ ଏଥର ବିରୋଧୀ ବାମପନ୍ଥୀ କଂଗ୍ରେସ ସହ ମେଣ୍ଟ କରି ନିର୍ବାଚନ ମଇଦାନକୁ ଉହ୍ଲାଇଛି । ସେପଟେ ତ୍ରିପୁରା ରାଜପରିବାରର ବଂଶଧର ପ୍ରଦ୍ୟୋତ ବିକ୍ରମ ମାଣିକ୍ୟ ଦେବବର୍ମନଙ୍କ ନୂଆ ପାର୍ଟି ତିପରା ମୋଥା ପ୍ରଥମଥର ନିର୍ବାଚନରେ ପ୍ରାର୍ଥୀ ଦେଇଛି । ଏହି କାରଣରୁ ବିଜେପି ଆଗରେ ବାମଦଳ ଓ କଂଗ୍ରେସର ମେଣ୍ଟ ସହ ତିପରା ମୋଥା ପାର୍ଟି ମଧ୍ୟ ପ୍ରଚାର ହୋଇ ଠିଆ ହୋଇଛି । ତ୍ରିପୁରା ବିଧାନସଭାର ମୋଟ ୬୦ ଆସନ ମଧ୍ୟରୁ ବିଜେପି ୫୫ଟି ରେ ପ୍ରାର୍ଥୀ ଦେଇଥିବା ବେଳେ ପୂର୍ବ ସହଯୋଗୀ ଆଇପିଏଫଟିକୁ ୫ଟି ଆସନ ଛାଡିଛି । ସେହିଭଳି କଂଗ୍ରେସ ଓ ବାମଦଳ ମଧ୍ୟରେ ହୋଇଥିବା ଆସନ ବୁଝାମଣା ମୁତାବକ ବାମଦଳ ୪୩ଟି କଂଗ୍ରେସ ୧୩, ସ୍ୱାଧୀନ ପ୍ରାର୍ଥୀ ୧ ଓ ଅନ୍ୟବାମଦଳମାନେ ୩ଟି ଆସନରେ ନିର୍ବାଚନ ଲଢୁଛନ୍ତି । ଅନ୍ୟପଟେ ତିପରା ମୋଥା ପାର୍ଟି ୪୨ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମମତା ବାନାର୍ଜୀଙ୍କ ଟିଏମସି ୨୮ଟି ଆସନରେ ନିର୍ବାଚନ ଲଢୁଛି । ଏହାସହ ୫୮ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତ୍ରିପୁରାରେ ଲଗାତର ଭାବେ ୨୫ ବର୍ଷ ଧରି ବାମଦଳର ସରକାର ରହିଥିଲା । ହେଲେ ୨୦୧୮ ମସିହାରେ ହୋଇଥିବା ନିର୍ବାଚନରେ ବିଜେପି ୧ ପ୍ରତିଶତ ଅଧିକ ଭୋଟ ପାଇଥିଲେ ବି ଆସନ ଗଣିତରେ ବହୁ ଆଗକୁ ଚାଲିଯାଇଥିଲା । ୨୦୧୮ ନିର୍ବାଚନରେ ବିଜେପିକୁ ୩୬ ଟି ଆସନ ମିଳିଥିବା ବେଳେ ମେଣ୍ଟ ଆଇପିଏଫଟି ୮ଟି ଆସନରେ ବିଜୟୀ ହୋଇଥିଲା ଅର୍ଥାତ ବିଜେପି ମେଣ୍ଟ ୪୪ ଟି ଆସନରେ ବିଜୟୀ ହୋଇଥିବା ବେଳେ ବାମଦଳ ମାତ୍ର ୧୬ଟି ଆସନରେ ସନ୍ତୋଷ୍ଟ ରହିଥିଲା । ୨୦୧୮ ମସିହାରେ ବାମଦଳକୁ ୪୩.୩୫ ପ୍ରତିଶତ ଭୋଟ ମିଳିଥିଲା ଯାହାକୁ ବିଜେପି ପାଇଥିବା ଭୋଟ ପ୍ରତିଶତର ୧ ପ୍ରତିଶତରୁ କମ୍ । ସେପଟେ କଂଗ୍ରେସକୁ ଗୋଟିଏ ବି ଆସନ ମିଳିନଥିବା ବେଳେ ଦଳର ଭୋଟ ହାର ୧.୭ ପ୍ରତିଶତରେ ଅଟକି ଯାଇଥିଲା । ଯଦି ରାଜ୍ୟରେ ୨୦୧୮ର ମାହୋଲ ରକ୍ଷା କରିବାରେ ବାମଦଳ ଓ କଂଗ୍ରେସ ସମର୍ଥ ହୁଅନ୍ତି ତେବେ ଉଭୟଙ୍କ ଭୋଟ ପ୍ରତିଶତ ମିଶିଗଲେ ତାହା ବିଜେପିକୁ ପରାଜୟର ଦ୍ୱାରଦେଶରେ ଠିଆ କରିଦେବ । ହେଲେ ନୂଆକରି ଗଠନ ହୋଇଥିବା ତିପୁରା ମୋଥା ପାର୍ଟି ଉଭୟ ବାମମେଣ୍ଟ ଓ ବିଜେପି ଆଗରେ ଚ୍ୟାଲେଞ୍ଜ ହୋଇ ଠିଆ ହୋଇଛି । କୁହାଯାଉଛି କି ଏଥର କିଏ ସରକାର ଗଠନ କରିବ ତାହା ତିପୁରା ମୋଥା ପାର୍ଟି ନିଷ୍ପତ୍ତି କରିବ ।

ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଓ ମହିଳା ଥାନାଧିକାରୀ ଧସ୍ତାଧସ୍ତି

ଭୁବନେଶ୍ୱର,୧୫/୦୨ (ନି.ପ୍ର): ସମ୍ବଲପୁରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଓ ଧନୁପାଲି ଥାନାଧିକାରୀ ଅନିତା ପ୍ରଧାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ପରେ ପରେ ଏହାକୁ ନେଇ ପୁଲିସ ସହ ବିଜେପି କର୍ମୀଙ୍କ ଧସ୍ତାଧସ୍ତି ହୋଇଛି। ଆଜି ଘଟିଥିବା ଏହି ଘଟଣା ପୁଣି ପୁଲିସ ବ୍ୟବସ୍ଥା ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇଶୃଙ୍ଖଳା ପରିସ୍ଥିତିକୁ ବିରୋଧ କରି ଆଜି ବିଜେପି ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ବେଳେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଧନୁପାଲି ଥାନାଧିକାରୀଙ୍କୁ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଧକ୍କା ଓ ମାଡ଼ ମାରିଥିବା ଅଭିଯୋଗ ଆସିଥିବା ବେଳେ ଅନ୍ୟପଟେ ଧନୁପାଲି ଥାନାଧିକାରୀ ଜୟନାରାୟଣଙ୍କୁ ଧକ୍କା ମାରିଥିବା ପ୍ରତିଅଭିଯୋଗ ହୋଇଛି। ଜୟନାରାୟଣ ଏହି ଘଟଣା ନେଇ କହିଛନ୍ତି ଯେ, ସେ ପ୍ରତିବାଦ ସଭାରେ ମତ ରଖି ସାରିବା ବେଳେ ଏକ ଚେୟାରରେ ବସିଥିଲେ। ଏହି ସମୟରେ ମହିଳା କର୍ମୀମାନଙ୍କୁ ପୁଲିସ ଧକ୍କା ମାରୁଥିବା ଖବର ପାଇଥିଲେ। ତେଣୁ ଚେୟାରରୁ ଉଠି ଘଟଣା ବୁଝିବାକୁ ପୁଲିସ ସାମ୍ନାକୁ ଯିବା ବେଳେ ଏହି ଥାନା ଅଧିକାରୀ ମୋର ଗୋଡ଼କୁ ଚକଟି ଦେଇ ବ୍ୟାରିକେଟିଂ ପାଇଁ ବନ୍ଧା ହୋଇଥିବା ରଶି ପାର ହୋଇଥିଲେ ଓ ପରେ ମୋତେ ଧକ୍କା ମାରିଥିଲେ। ଧକ୍କା ଖାଇବା ପରେ ରାଗରେ ତୁ' କିଏ ବୋଲି ପଚାରିଥିଲି। ସେ ଧନୁପାଲି ଆଇଆଇସି ବୋଲି କହିଥିଲେ। ଏହି ଘଟଣା ସମୟରେ ଭିଡିଓ ସମସ୍ତଙ୍କ ପାଖରେ ରହିଛି। ପୁଲିସ ଜଣେ ଜନପ୍ରତିନିଧିଙ୍କ ଉପରକୁ ହାତ ଉଠାଇବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ମାଡ଼ ମାରିବା ପଛରେ କିଏ ରହିଛି, ତାହା ସମସ୍ତଙ୍କ ଜାଣିବା ଦରକାର। ▶▶ପୃଷ୍ଠା ୭

ନବ ଦାସ ହତ୍ୟା ମାମଲାରେ ବିଜେଡି ନେତାଙ୍କୁ ସତର୍କ କଲେ କଂଗ୍ରେସ ପ୍ରଭାରୀ ଚେଲା କୁମାର

ଭୁବନେଶ୍ୱର,୧୫/୦୨ (ନି.ପ୍ର): କଂଗ୍ରେସ ପ୍ରଭାରୀ ଚେଲା କୁମାର ନବ ଦାସ ହତ୍ୟା ମାମଲାରେ ବିଜେଡିର ଦ୍ୱିତୀୟ ଏବଂ ତୃତୀୟ ଧାଡ଼ି ନେତାଙ୍କୁ ସତର୍କ କରାଇଛନ୍ତି । ସେମାନଙ୍କର ମଧ୍ୟ ନବ ଦାସଙ୍କ ଭଳି ଅବସ୍ଥା ହୋଇପାରେ ବୋଲି ସତର୍କ କରାଇଛନ୍ତି । ସେ କହିଛନ୍ତି ଯେ ନବ ଦାସ ମୁଖ୍ୟମନ୍ତ୍ରୀ ହେବା ର ଆଶା ରଖିଥିଲେ ବୋଲି ଚର୍ଚ୍ଚା ହେଉଛି । ବିଜେଡି ଦଳ ଭିତରେ ମୁଁହ ଖୋଲୁଥିବା ବରିଷ୍ଠ ନେତା ଙ୍କୁ ମୁଁ ସତର୍କ କରାଉଛି । ସେ କହିଛନ୍ତି ଯେ ରାଜ୍ୟରେ ସରକାର କାମ କରୁନି । ଗତ ୨୨ ବର୍ଷ ର ନବୀନ ଶାସନ ଦେଖିଲେ ସତ ପଦା ଆଣିବାକୁ ଚାହୁଁଥିବା ଲୋକଙ୍କ ମୁଁହ ବନ୍ଦ କରାଯାଉଛି । ମୁଁ ବି ଭିଡିଓ ଦେଖିଛି, ଏ ଏସ ଆଇ ନବ ଙ୍କୁ ହତ୍ୟା କଲା ଭଳି ଲାଗୁ ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ନବ ହତ୍ୟାକାଣ୍ଡ ପଛରେ ବଡ଼ ଚକ୍ରାନ୍ତ ଅଛି । ଏହା ଉପରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିବା ଦରକାର । ପୋଲିସ ତଦନ୍ତ ରେ ଆଉ କଣ ଅଛି ? ରାଜ୍ୟ ରେ ଅନେକ କିଛି ହତ୍ୟା ଓ ଧର୍ଷଣ ଘଟି ଯାଇଛି, ହେଲେ କାହାର ସତ୍ୟତା ପଦା କୁ ଆସି ନାହିଁ । ଯାଜପୁର ର ସ୍ମିତାରାଣୀ ବିଶ୍ୱାଳ, ପରୀ ଓ ମମିତା ମେହେର ଘଟଣା କଣ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଜୟପୁରରେ ମୁଖ୍ୟମନ୍ତ୍ରୀ ଙ୍କ ଆଗରେ ଜଣେ ଯୁବ ପୂର୍ବତନ ମନ୍ତ୍ରୀ ବରିଷ୍ଠ ପୂର୍ବତନ ବିଧାୟକ ଙ୍କୁ ଷ୍ଟେଜ ରୁ ତଳକୁ ଠେଲୁଛନ୍ତି । ରାଜ୍ୟ ରେ ଆଉ ଗଣତନ୍ତ୍ର ନାହିଁ । ଏକ କୋଟେରୀ ରାଜ୍ୟ ର ଶାସନ ଏକ କୋଟେରୀ ହାତ ରେ ଚାଲିଛି । ଏହି କୋଟେରୀ ମୁଖ୍ୟମନ୍ତ୍ରୀ ଙ୍କୁ ସଖିକଣ୍ଢେଇ ଭଳି ରଖିଛି ବୋଲି ସେ କହିଛନ୍ତି ।

ହିଣ୍ଡେନବର୍ଗ ଓ ଆଦାନୀ ମାମଲାକୁ ନେଇ ସୁପ୍ରିମକୋର୍ଟରେ ପହଞ୍ଚିଲା କଂଗ୍ରେସ

ନୂଆଦିଲ୍ଲୀ,୧୫/୦୨ : ହିଣ୍ଡେନବର୍ଗ ମାମଲାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ । ଆଦାନୀ ଗ୍ରୁପ ଉପରେ ହିଣ୍ଡେନବର୍ଗ ଯେଉଁ ରିପୋର୍ଟ ପ୍ରକାଶ କରିଛି ଏହା ଉପରେ ସଠିକ ତଦନ୍ତ କରିବା ପାଇଁ କଂଗ୍ରେସ କୋର୍ଟରେ ଆବେଦନ କରିଛି । ସୁପ୍ରିମକୋର୍ଟ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରାଯାଉ ଓ ଏହାର ତତ୍ତ୍ୱାବଧାନରେ ଯାଂଚ କରିବା ପାଇଁ ଆବେଦନରେ ଦାବି କରିଛି କଂଗ୍ରେସ । ଦଳର ଆବେଦନ ଉପରେ ଫେବ୍ରୁଆରୀ ୧୭ ତାରିଖରେ ଶୁଣାଣୀ କରିବେ କୋର୍ଟ । କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଆବେଦନ ଦାୟର କରି ତୁରନ୍ତ ଶୁଣାଣୀ କରିବାକୁ ଦାବି କରିଥିଲେ । ତେବେ ମୁଖ୍ୟ ବିଚରାପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ ଓ ଜଷ୍ଟିସ ପିଏମ ନରସିଂମାଙ୍କ ଖଣ୍ଡପୀଠ ଶୁଣାଣୀ ପାଇଁ ୧୭ ତାରିଖ ଦିନ ଧାର୍ଯ୍ୟ କରିଛନ୍ତି । ସେପଟେ ଆରବିଆଇ ଓ ସେବିକୁ ଚିଠି ଲେଖି ଆଦାନୀ ଗ୍ରୁପ ବିରୋଧରେ ହିଣ୍ଡେନବର୍ଗ ରିପୋର୍ଟ ଉପରେ ତଦନ୍ତ କରିବାକୁ ଦାବି କରିଛି ଦଳ । ନିବେଶକଙ୍କ ଅର୍ଥ ବିପଦରେ ରହିଛି ନା ନାହିଁ ଏହାର ତଦନ୍ତ କରୁ ଆରବିଆଇ ଓ ମାମଲାର ନିରପେକ୍ଷ ତଦନ୍ତ ସେବି କରୁ ବୋଲି ଚିଠିରେ ଲେଖିଛି କଂଗ୍ରେସ ।

ରାତି ୧୦ଟାରେ ଉଠିବ ମହାଦୀପ

ଭୁବନେଶ୍ୱର,୧୫/୦୨ (ନି.ପ୍ର): ଆସନ୍ତା ୧୮ ତାରିଖ ମହାଶିବରାତ୍ରୀ ଉପଲକ୍ଷେ ପ୍ରଭୁ ଲିଙ୍ଗରାଜଙ୍କ ନୀତି ନିର୍ଘଂଟ ହୋଇଛି। ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାତି ୧୦ଟାରେ ମହାଦୀପ ଉଠିବ । ଏହାପରେ ଭକ୍ତମାନେ ରାତି ୧୦ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ କରିପାରିବେ । ୧୮ ତାରିଖ ଶନିବାର ରାତି ୩ଟାରୁ ପ୍ରଭୁ ଲିଙ୍ଗରାଜଙ୍କର ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯିବ। ଏହାପରେ ଭୋର ସାଢେ ୩ଟାରୁ ୧୧ଟା ଯାଏଁ ସାହାଣ ମେଲାଦର୍ଶନ ହେବ । ଦିନ ୧୨ଟାରେ ମହାସ୍ନାନ ହେବ । ଏହାପରେ ଅପରାହ୍ନ ୩.୪୫ରୁ ୪.୪୫ ପର୍ଯ୍ୟନ୍ତ ଘଂଟାଏ ଧରି ସାହାଣମେଲା ଦର୍ଶନ ହେବ। ତେବେ ସନ୍ଧ୍ୟା ୭ଟାରେ ଶ୍ରୀଜୀଉଙ୍କ ପହୁଡ ପଡିବ । ଏହାପରେ ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ ମଧ୍ୟରେ ସନ୍ଧ୍ୟା ଆଳତୀ ଓ ଟେରାଫିଟା ହେବ। ରାତି ୮ଟା ୫୫ରୁ ୧୦ ଟା ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ କରାଯିବ। ରାତି ୧୦ଟାରେ ମହାଦୀପ ଉଠିବ। ମହାଦୀପ ଉଠିବା ପରେ ଆଉ ଏକ ଘଂଟା ଧରି ଭକ୍ତମାନେ ସାହାଣମେଲା ଦର୍ଶନ କରିବେ। ଏହାପରେ ଚାରିପ୍ରହର ପୂଜା, ହରିହର ଭେଟ ହେବ ଶେଷରେ ବଡସିଂହାର ବେଶ ହେଇ ପହୁଡ ପଡିବ।

ସମାଜବାଦୀ ପାର୍ଟିକୁ ବଡ ଝଟକା, ଆଜମ ଖାନଙ୍କ ପରେ ଏବେ ପୁଅ ଅବ୍ଦୁଲାର ରଦ୍ଦ ହେଲା ବିଧାୟକ ପଦ

ନୂଆଦିଲ୍ଲୀ, ୧୫/୦୨ : ଉତ୍ତରପ୍ରଦେଶ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କ ପରେ ଏବେ ତାଙ୍କ ପୁଅ ଅବ୍ଦୁଲ୍ଲା ଆଜମଙ୍କର ମଧ୍ୟ ବିଧାୟକ ପଦ ରଦ୍ଦ ହୋଇଛି । ୟୁପି ବିଧାନସଭା ସଚିବାଳୟରେ ଅବ୍ଦୁଲ୍ଲା ଆଜବଙ୍କ ଆସନକୁ ଖାଲି ଘୋଷଣା କରାଯାଇଛି । ମୁରାଦାବାଦର ଏକ ସ୍ୱତନ୍ତ୍ର ଅଦାଲତ ସୋମବାରଦିନ ୧୫ବର୍ଷ ତଳର ଏକ ପୁରୁଣା ମାମଲାରେ ସମାଜବାଦୀ ପାର୍ଟିର ମହାସଚିବ ଆଜମ ଖାନ ଓ ତାଙ୍କ ପୁଅ ଅବ୍ଦୁଲ୍ଲା ଆଜମଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲା । ଅବ୍ଦୁଲ୍ଲା ଆଜମ ରାମପୁରର ସ୍ୱାର ଆସନରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ସେପଟେ ଜନପ୍ରତିନିଧି ନିୟମ ମୁତାବକ ଯଦି ଜଣେ ଜନପ୍ରତିନିଧିଙ୍କୁ କୋର୍ଟ ୨ ବର୍ଷରୁ ଅଧିକ ଜେଲଦଣ୍ଡରେ ଦଣ୍ଡିତ କରେ ତେବେ ତାଙ୍କୁ ଦଣ୍ଡ ବିଧାନ ତାରିଖରୁ ଅଯୋଗ୍ୟ ଘୋଷଣା କରାଯାଇପାରିବ । ଏହାସହ ଜେଲରେ ସମୟ ବିତାଇବା ସହ ଆଗାମୀ ୬ବର୍ଷ ପର୍ଯ୍ୟନ୍ତ ସେ କୌଣସି ନିର୍ବାଚନ ଲଢିପାରିବେ ନାହିଁ । ସେହିଭଳି ସମାନ ମାମଲାରେ ପିତା ଆଜମ ଖାନଙ୍କୁ ମଧ୍ୟ ୨୦୨୨ ଅକ୍ଟୋବର ମାସରେ ଅଯୋଗ୍ୟ ଘୋଷଣା କରାଯାଇଥିଲା । ଜିଲ୍ଲା ଶାସକୀୟ ଅଧିବକ୍ତା (ଅପରାଧ) ନିତୀନ ଗୁପ୍ତା କହିଛନ୍ତି କି, ଯାଂଚ ବେଳେ ପୋଲିସ ସହ ହୋଇଥିବା ବିବାଦରେ ଆଜମ ଖାନଙ୍କ ସମେତ ୯ଜଣଙ୍କୁ ବିରୋଧରେ ଏମପି-ଏମଏଲଏ କୋର୍ଟରେ ମାମଲା ରୁଜୁ ହୋଇଥିଲା । ବିଚାରପତି ଜଷ୍ଟିସ ସ୍ମିତା ଗୋସ୍ୱାମୀ ଏହି ମାମଲାର ବିଚାର କରି ସୋମବାର ଦିନ ଆଜମ ଖାନ ଓ ତାଙ୍କ ପୁଅ ଅବ୍ଦୁଲ୍ଲା ଆଜମଙ୍କୁ ୨ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ । ଏହାସହ ସେମାନଙ୍କ ଉପରେ ୩ହଜାର ଟଙ୍କା ଲେଖାଏଁ ଜରିମାନା ମଧ୍ୟ କରାଯାଇଛି ।

ପ୍ୟାରୀମୋହନ ମହାପାତ୍ରଙ୍କ ଝିଅ କଂଗ୍ରେସରେ ଯୋଗଦେଲେ

ଭୁବନେଶ୍ୱର,୧୫/୦୨ (ନି.ପ୍ର): ପୂର୍ବତନ ସାଂସଦ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ କନ୍ୟା ଡ.ସିନ୍ତା ପତି, ଭାରତୀୟ ରେଳ ସେବାର ପୂର୍ବତନ ଅଧିକାରୀ ହେମନ୍ତ କୁମାର ଦତ, ରାଧାକାନ୍ତ ନାୟକ ଓ ବରିଷ୍ଠ ଆଇନଜୀବି ପ୍ରବୀର କୁମାର ପ୍ରଧାନ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଭାରୀ ଡା ଏ ଚେଲ୍ଲା କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ରାହୁଲ ଗାନ୍ଧୀଙ୍କ ଆଦର୍ଶ, କଂଗ୍ରେସର ବିଚାରଧାରା ଏବଂ ଗାନ୍ଧୀବାଦ ପ୍ରତି ସମ୍ମାନ ଜଣାଇ ସେମାନେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି ବୋଲି କହିଥିଲେ। ବିଶେଷ କରି ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ ଯାତ୍ରା ସେମାନଙ୍କୁ କଂଗ୍ରେସ ଦଳରେ ଯୋଗଦେବା ପାଇଁ ସେମାନେ ମତବ୍ୟକ୍ତ କରିଥିଲେ। ଡା ଚେଲ୍ଲା କୁମାର ଏବଂ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ ପୂର୍ବକ କଂଗ୍ରେସ ଦଳରେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ବିଭୁତି ମିଶ୍ର, ମାନସ ଚୌଧୁରୀ, ବନ୍ଦିତା ପରିଡ଼ା, ବିଶ୍ୱଜିତ ଦାଶ, ୟାସିର ନଓ୍ୱାଜ, ରଶ୍ମି ମହାପାତ୍ର, ଅମୀୟ ପଟ୍ଟନାୟକ, ରଜନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ପାଣି ପଂଚାୟତ ଆଜି ଆନ୍ଦୋଳନରେ ପରିଣତ ହୋଇପାରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫/୦୨ (ନି.ପ୍ର): ରାଜ୍ୟସ୍ତରୀୟ ପାଣି ପଂଚାୟତ ପକ୍ଷ-୨୦୨୩ ଉଦଯାପନ ସମାରୋହ ବୁଧବାର ଲୋକସେବା ଭବନ, କନଭେନସନ ସେଂଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ପାଣି ପଂଚାୟତ ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି । ଚାଷୀ ଭାଇ ଭଉଣୀ ମାନଙ୍କ ଭାଗିଦାରୀ, ନିଷ୍ଠା ଓ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାତ୍ର ୭୦୦ ପାଣି ପଂଚାୟତରୁ ଆରମ୍ଭ କରି ଆଜି ରାଜ୍ୟରେ ୩୭ ହଜାର ପାଣି ପଂଚାୟତ କାର୍ଯ୍ୟ କରୁଛି । ସେହିପରି ୩.୩୨ ଲକ୍ଷ ହେକ୍ଟର ଜମିରେ ଆରମ୍ଭ ହୋଇଥିବା ଏହି ପାଣି ପଂଚାୟତ ଆଜି ୨୩.୪୬ ଲକ୍ଷ ହେକ୍ଟର ଜମିରେ ପାଣିର ସୁବିଧା ଦେଇପାରୁଛି । ଏହା ବାସ୍ତବରେ ବହୁତ ବଡ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଏଗୁଡିକ ସବୁ ବିଭିନ୍ନ ପ୍ରମୁଖ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ କାର୍ଯ୍ୟକାରୀ କରାଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଅଂଚଳରେ ମଧ୍ୟ ପାଣି ପଂଚାୟତ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳ ଅମୂଲ୍ୟ । ଜଳବାୟୁ ପରିବର୍ତ୍ତନର ପ୍ରଥମ ପ୍ରଭାବ ପଡିବ ପାଣି ଉପରେ ଓ ଚାଷ ଉପରେ। ତେଣୁ ଜଳ ନଷ୍ଟ ନ କରି, ତାର ସୁବିନିଯୋଗ ଓ ସୁଷମ ବଂଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଲେ ଯେ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଦୂରଦୃଷ୍ଟି ରଖି ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ଏଥିପାଇଁ ଜଳ ଭଳି ଅମୂଲ୍ୟ ସଂପଦ ଉପରେ ଗୁରୁତ୍ୱ ଦେଇ ସେ ପାଣି ପଂଚାୟତ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । ଗତ କିଛି ବର୍ଷରେ କୋଭିଡ ପାଇଁ ସ୍ଥଗିତ ଥିବା ଏହି ପକ୍ଷ ପାଳନ ସମାରୋହ ଚଳିତ ବର୍ଷ ସେଚ ପରିଚାଳନରେ ସମ୍ପୃକ୍ତ ପାଣି ପଂଚାୟତ ଓ ▶▶ପୃଷ୍ଠା ୭

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ନଥିବା ୨୬୭୪ ଗାଡିକୁ ଜୋରିମାନା

ଭୁବନେଶ୍ୱର,୧୫/୦୨ (ନି.ପ୍ର): ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍(ଏଚ୍

ପେନସନ ଅଦାଲତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୫ ।୨(ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ପେନସନ ଅଦାଲତ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅବସର ପରେ କୌଣସି ବି ସରକାରୀ କର୍ମଚାରୀ ଯେପରି ଯଥାଶୀଘ୍ର ପେନସନ ପାଆନ୍ତି ସେଥିପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।ପ୍ରତ୍ୟେକ ବିଭାଗ ସେମାନଙ୍କ ଅବସର ନେଉଥିବା କର୍ମଚାରୀ ମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ତ୍ୱରିତ ପ୍ରକ୍ରିୟାରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ କର୍ମଚାରୀ ଦିନେ ନା ଦିନେ ଅବସର ନେବେ । ତେଣୁ ଅବସର ନେବା ପୂର୍ବରୁ ସମ୍ପୃକ୍ତ କର୍ମଚାରୀଙ୍କ ପେନସନ ସୁବିଧା ପାଇଁ ସରକାରୀ ନିୟମ ଅନୁସାରେ ପଦକ୍ଷେପ ନେବା ଉଚିତ । ବର୍ତମାନ ଅନ୍ ଲାଇନ ମାଧ୍ୟମରେ ଏହା ହେଉଥିବାରୁ ଅଧିକ ସରଳ ଓ ତ୍ୱରାନ୍ୱିତ ହୋଇପାରୁଛି ବୋଲି ସେ କହିବା ସହ ପ୍ରତ୍ୟେକ ବିଭାଗ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସଂସ୍ଥା ବିଭାଗର ଡେପୁଟି କଲେକ୍ଟର ସୁମନ୍ତ କୁମାର କର ସର୍ବେଶେଷ ନିୟମ ଆଧାରରେ ପେନସନ କାଗଜପତ୍ରର ପ୍ରସ୍ତୁତି, ବିଭାଗର ଦାୟିତ୍ୱ ପେନସନରଙ୍କୁ ସହାୟତା, ବିଭିନ୍ନ କ୍ଷେତ୍ରରେ ଥିବା ସମସ୍ୟା ଗୁଡିକ ସମ୍ପର୍କରେ ବିଷଦ ତଥ୍ୟ ସହ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ପେନସନରଙ୍କୁ ସହଯୋଗ ସମ୍ପର୍କରେ ଅନୁରୋଧ କରିଥିଲେ । ଏହି ବୈଠକରେ ସଂସ୍ଥା, ବିଭିନ୍ନ ବିଭାଗର କର୍ମଚାରୀ ଓ ବିଭିନ୍ନ ବିଭାଗର ପେନସନ କାଗଜପତ୍ର ପରିଚାଳନା କରୁଥିବା କର୍ମଚାରୀ ମାନେ ଯୋଗ ଦେଇଥିଲେ ।

ଥ୍ରି-ଡି ଗ୍ରୁପ ପକ୍ଷରୁ ମେଧା ଅନ୍ୱେଷଣ ଅଭିଯାନ: କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ

ବାରିପଦା, ୧୫ ।୨(ନି.ପ୍ର): ବାରିପଦା ଭଂଜପୁର ଠାରେ ଥିବା ଥ୍ରି-ଡି ଗ୍ରୁପ ପକ୍ଷରୁ ମେଧା ଅନ୍ୱେଷଣ ଅଭିଯାନର ଗଣିତ ପରୀକ୍ଷାରେ ଯୋଗ୍ୟ ବିବେଚିତ ପରୀକ୍ଷାର୍ଥୀ ମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ଏହି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତ ଥା ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାରାଣ୍ଡି, ସମ୍ମାନୀତ ଅତିଥି ଭାବରେ ପିଆରଏମ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ସୁମିତ୍ରା ସୋରେନ, ଆଦଭିକା ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ଯାଦବ, ଥ୍ରି-ଡି ଗ୍ରୁପର ପ୍ରତିଷ୍ଠାତା ଇଂ ବାଜିନାଥ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ଛାତ୍ର ଛାତ୍ରୀ ମାନେ ନିଜ୍ର ଲକ୍ଷ୍ୟ ଧାର୍ଯ୍ୟ କରି ପାଠ ପଢିବା ସହିତ ନିଜକୁ ଶୃଙ୍ଖଳିତ କଲେ ଯାଇ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିବା ସହିତ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅଭିଷେକ ଶେଣ୍ଠ, ୨ୟ ସ୍ଥାନ ଅଧିକାର କରିଥିବା ମହାପ୍ରସାଦ ଦାସ ଓ ୩ୟ ସ୍ଥାନ ଅଧିକାର କରିଥିବା ସ୍ୱାଧୀନ ବିଶ୍ୱାଳ ଙ୍କୁ ନଗଦ ଅର୍ଥରାଶି ସହ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ପ୍ରକାଶ ଥାଉକି ଥ୍ରି-ଡି ଗ୍ରୁପର ପ୍ରତିଷ୍ଠାତା ଇଂ ବାଜିନାଥ ହେମ୍ବ୍ରମ ନିଜସ୍ୱ ପ୍ରଚେଷ୍ଟାରେ ବିଗତ ୨୦୧୯ ମସିହା ଠାରୁ ଗରୀବ ଯୁକ୍ତ ଦୁଇ ବିଜ୍ଞାନ ପିଲାଙ୍କୁ ଫ୍ରି କୋଚିଂ ଦେଇ ସେମାନଙ୍କର ମେଧା ଶକ୍ତିର ବିକାଶ ପାଇଁ କାର୍ଯ୍ୟ କରି ଆସୁଛନ୍ତି ।

ମାତୃପିତୃ ପୂଜନ ଦିବସରେ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୧୫ ।୨(ନି.ପ୍ର): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପିତୃ ପୂଜନ ଦିବସ ଅବସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ପିତୃମାତୃ ପୂଜନ ଦିବସକୁ ପୂଜ୍ୟପୂଜା ପରମ୍ପରାରେ ପାଳନ କରି ଓଡିଶାର ସଂସ୍କୃତି ବଜାୟ ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଥିଲା । ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ତତ୍ୱବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ରଶ୍ମି ରଞ୍ଜନ ବାରିକ, କେଦାର ସ୍ୱାଇଁ, ସରସ୍ୱତୀ ସ୍ୱାଇଁ, ତୁଷାରକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ ।

ଭୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ପାଳିତ

ଭୁବନ, ୧୫ ।୨(ନି.ପ୍ର): ଭୁବନ ସହର ଉପକଣ୍ଠସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ଦରମାରେ ଶିଶୁମନ୍ଦିରର ଗୁରୁଜୀ, ଗୁରୁମାଙ୍କ ଉନ୍ନତ ମାନର ଶିକ୍ଷାଦାନ ଓ ପଠନ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ସାରା ରାଜ୍ୟରେ ଶିଶୁ ମନ୍ଦିର ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ର ସହମନ୍ତ୍ରୀ ପୂର୍ବକ୍ଷେତ୍ର ହେମନ୍ତ କୁମାର ପାଣିଗ୍ରାହୀ "ଶିଶୁ ଗଠନ ଦିଗରେ ଗୁଣାତ୍ମକଶିକ୍ଷା" ସଂପର୍କରେ ମାର୍ଗଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୁରୀଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଇନ୍ଦୁଲତା ସାହୁ ବାର୍ଷିକ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ସଫଳତା ସହିତ ଅଭାବ ଅସୁବିଧା ସଂପର୍କରେ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରିଚାଳନା କମିଟି ସଂପାଦକ ଜଗବନ୍ଧୁ ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଗ୍ମସଂପାଦକ ନିରଂଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩୩ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ଗୁରୁଜୀ, ଗୁରୁମା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

ସ୍ତ୍ରୀଙ୍କୁ ନିର୍ଯାତନା ନେଇ ଅଭିଯୋଗ, ୨ ଟି ମାମଲା ରୁଜୁ

ଜୟପୁର, ୧୫ ।୨(ନି.ପ୍ର): ସ୍ତ୍ରୀ ଙ୍କୁ ନିର୍ଯାତନା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁଯାୟୀ କୋରାପୁଟ ସଦର ଥାନା ଅନ୍ତର୍ଗତ ଭେଜିପୁଟର ମହିଳି ଯୋଶମତି ଖୋସଲା ଗତ ୨୦୧୭ ମସିହାରେ କୃତିବାସ ଟାକରିକୁ ବିବାହ କରିଥିଲେ । ବିବାହର କିଛିବର୍ଷ ଠିକ୍ ଠାକ୍ ଚାଲିଥିବାବେଳେ କିଛିଦିନ ତଳେ ସ୍ୱାମୀ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ । ଏ ନେଇ ପ୍ରଥମ ସ୍ତ୍ରୀ ଯୋଶମତି ଖୋସଲା ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ସେହିପରି ଜୟପୁର ଖ୍ରୀଷ୍ଟିଆନପେଟାର ଅହଲ୍ୟା ଖରା ଗତ ୨ ବର୍ଷ ତଳେ ମୋହନ ହରିଜନକୁ ବିବାହ କରିଥିଲେ । ମହିଳାଙ୍କୁ ତାଙ୍କ ସ୍ୱାମୀ ମୋହନ ମାରପିଟ କରି ଘର ବାହାର କରିଥିବା ନେଇ ମହିଳା ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

ସ୍ୱାସ୍ଥ୍ୟ ପାଇଁ ସାଇକେଲ ଶୋଭାଯାତ୍ରା

ଜୟପୁର, ୧୫ ।୨(ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ରଜାନହର ଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା । ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୁଲ୍ୟରେ ଏହି ଶୋଭାଯାତ୍ରା ଆନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ କର୍କଟ ରୋଗର କାରଣ, ପ୍ରତିକାର ଉପରେ ପ୍ଲା କାର୍ଡ ଦ୍ୱାରା ସଚେତନ କରାଯାଇଥିଲା । ଏହି ଶୋଭାଯାତ୍ରାକୁ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶୋଭାଯାତ୍ରା ମୁଖ୍ୟ ଟ୍ରାଫିକ ଛକ ଦେଇ ଚିକିତ୍ସାଳୟରେ ପହଂଚିଥିଲା । ଏହି ଶୋଭାଯାତ୍ରାରେ ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ୍ୱାର ସଦସ୍ୟ ଓ ସ୍ୱାସ୍ଥ୍ୟ କର୍ମି ମାନେ ସାମିଲ ହୋଇଥିବା ବେଳେ ସୁପରଭାଇଜର ସତ୍ୟ ନାରାୟଣ ପାତ୍ର, ଏକାଉଂଟାଂଟ ଲିଙ୍ଗରାଜ ପାଢୀ ଏହାକୁ ପରିଚାଳନ କରିଥିଲେ ।

ପୁରୀ ଜିଲ୍ଲା ଅଟୋ ଚାଳକ ମହାସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପୁରୀ, ୧୫ ।୨(ନି.ପ୍ର): ପୁରୀ ଜିଲ୍ଲା ଅଟୋ ଚାଳକ ମହାସଂଘର ତତ୍ୱାବଧାନରେ ପୁରୀ ଜିଲ୍ଲାର ପ୍ରସିଦ୍ଧ ଶିବ ପୀଠ ବାବା ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିର ଚର୍ତୁପାର୍ଶ୍ୱ ଜାଗର ପଦାକୁ ସମୂହ ସଫେଇ କରାଯାଇଛି । ଏଥିରେ ପୁରୀ ନଗରରେ ଥିବା ୪୫ ଟି ମଣ୍ଡଳର ଅଟୋ ଚାଳକ ମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ସମୂହ ସଫେଇରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଓଡିଶା ଅଟୋ ଚାଳକ ମହାସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ ଓ ବିଶିଷ୍ଟ କାର୍ଯ୍ୟକର୍ତା ସନ୍ତୋଷ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ । ଏହାପରେ ଜାଗର ପଦାକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ କରିବା ପାଇଁ ଅଟୋ ଚାଳକ ମାନଙ୍କୁ ବିଭିନ୍ନ ଗ୍ରୁପରେ ବିଭକ୍ତ କରାଯାଇ ଚାରିପଟେ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୭୦୦ ରୁ ଉର୍ଦ୍ଧ୍ୱ ଅଟୋ ଚାଳକ ସାମିଲ ହୋଇ ନିଜର ଶ୍ରମ ଦାନ କରିଥିଲେ । ସଫେଇର ଶେଷ ପର୍ଯ୍ୟାୟରେ ଶ୍ରୀକ୍ଷେତ୍ରର ସ୍ୱଚ୍ଛତା ପାଇଁ ଏକ ସମୂହ ଶପଥ ପାଠ କରାଯାଇଥିଲା । ଏହି ଶପଥ ପାଠରେ ଉପ ଜିଲ୍ଲାପାଳ ଭବତାରଣ ସାହୁ, ପୁରୀ ଜିଲ୍ଲା ଅଟୋ ଚାଳକ ମହାସଂଘର ସଭାପତି ଦୁର୍ଗା ଚରଣ ଖୁଣ୍ଟିଆ, ସାଧାରଣ ସମ୍ପାଦକ ରାଜକିଶୋର ମହାନ୍ତି, ଉପ ସଭାପତି ଭଗବାନ ପଢ଼ିଆରୀଙ୍କ ସମେତ ସମାଜସେବୀ ବିପିନ ମହାନ୍ତି ପ୍ରମୁଖ ଏହି ସମୂହ ସଫେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ରାଜଧାନୀରେ ଗର୍ଜିଲେ ସାମ୍ବାଦିକ

ଉତ୍କଳ ସାମ୍ବାଦିକ ସଂଘର ୭୯ତମ ପ୍ରତିଷ୍ଠା ଉତ୍ସବ ପାଳିତ : ସଭାପତି ଭାବେ ବିଭୂତି ଭୂଷଣ କର ପୁନଃ ନିର୍ବାଚିତ

ଭୁବନେଶ୍ୱର, ୧୫ ।୨(ନି.ପ୍ର): ରାଜ୍ୟରେ ସାମ୍ବାଦିକ ମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ଉଦାସୀନତା ନେଇ ରାଜଧାନୀରେ ସାମ୍ବାଦିକମାନେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଉତ୍କଳ ସାମ୍ବାଦିକ ସଂଘର ୭୯ତମ ପ୍ରତିଷ୍ଠା ଉତ୍ସବ ଓ ସାଧାରଣ ପରିଷଦ ବୈଠକ ଅବସରରେ ବିଭୂତି ଭୂଷଣ କରଙ୍କୁ ସର୍ବସମ୍ମତିକ୍ରମେ ସଂଘର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିଲେ । ସଭାପତିଙ୍କ ନିର୍ବାଚନ ଘୋଷଣା ପରେ ଶ୍ରୀ କରଙ୍କ ଅଧକ୍ଷତାରେ ବୁଧବାର ଦିନ ଖାରବେଳ ନଗରସ୍ଥିତ ରାଜ୍ୟ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସମାରୋହରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ହଜାରରୁ ଉର୍ଦ୍ଧ୍ୱ କର୍ମକତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ପ୍ରଦାନ, ସମସ୍ତ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡ଼େମୀ ଗଠନ ନେଇ ବିଭିନ୍ନ ସମୟରେ ହୋଇ ଆସୁଥିବା ଦାବିଗୁଡ଼ିକ ହାସଲ ଦିଗରେ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଉତ୍ସବ ଉପରାନ୍ତେ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଉପସ୍ଥିତ ସଦସ୍ୟମାନେ ଏକ ବିରାଟ ପଟୁଆରରେ ଯାଇ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟ ସଭାପତି ଶ୍ରୀ କରଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବ ସମାରୋହରେ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନଙ୍କ ଉପରୋକ୍ତ ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ସମର୍ଥନ କରିବା ସହ ସ୍ୱାସ୍ଥ୍ୟବୀମା ରାଶି ୨ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସାମ୍ବାଦିକମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ ଇତ୍ୟାଦି ଦାବି ଯୁକ୍ତିଯୁକ୍ତ ବୋଲି ଦର୍ଶାଇଥିଲେ । ଏଥିରେ 'ସମ୍ବାଦ'ର ସମ୍ପାଦକ ତଥା ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ସଂଘର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିବା ସହ ଏବେ ସାମାଜିକ ପରିବର୍ତ୍ତନ ପାଇଁ ସାମ୍ବାଦିକମାନଙ୍କ ମଧ୍ୟରେ ଆହ୍ୱାନ ସୃଷ୍ଟି ହେବାର ସମୟ ଆସିଛି । ତେଣୁ ସାମ୍ବାଦିକମାନେ ସେଥିପ୍ରତି ସଜାଗ ଓ ସଚେତନ ହୋଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ ଏବଂ ସାମ୍ବାଦିକମାନେ ସମାଜର ଏକ ଭିନ୍ନ ମଣିଷ ନୁହଁନ୍ତି, ସେମାନଙ୍କର ସୁରକ୍ଷା ସହ ମୌଳିକ ସମସ୍ୟା ସମାଧାନ କରିବା ସରକାରଙ୍କ ଉତ୍ତର ଦାୟିତ୍ୱ ବୋଲି ସୁଝାଇଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଯୋଗ ଦେଇଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ପଟ୍ଟନାୟକ, ଶୃଙ୍ଖଳ କମିଟି ଅଧକ୍ଷ ଶ୍ରୀକାନ୍ତ ଖଟେଇ, ସହ ଅଧକ୍ଷ ରବିନାରାୟଣ ଖିଲାର, ଉପସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, କୋଷାଧକ୍ଷ ରାଜେନ ଚୌଧୁରୀ, ବରିଷ୍ଠ ସଦସ୍ୟ ପ୍ରସନ୍ନ ତ୍ରିପାଠୀ, ପ୍ରଭାକର ଶିରୋମଣି, ଶିଶିର ପଟ୍ଟନାୟକ, ଜିଲ୍ଲା ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ପ୍ରତାପ ପ୍ରଧାନ, ଗୋରେଶ ସାହୁ, ଶଶାଙ୍କ ମିଶ୍ର, ଦୁର୍ଯ୍ୟୋଧନ ପାତ୍ର, ଲୋକନାଥ ଦଳେଇ, ସତ୍ୟବ୍ରତ ଦାସ, ସନ୍ତୋଷ ଦାସ, ମନୋଜ ଦାସ, ହିମାଂଶୁ ନାୟକ, ସତ୍ୟନାରାୟଣ ମିଶ୍ର, ସୁରେଶ ଦାସ, ବିଧାନ ଚୌଧୁରୀ, ଅନିଲ ପଟ୍ଟନାୟକ, ପ୍ରଭାତ ମିଶ୍ର, ରଜନୀକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ ମହିସ, ନରସିଂହ ବ୍ରହ୍ମା, ନବୀନ କୁମାର ଦାସ, ଏସ୍. ରାଜୀବ ଗୌରବ, ଲିଙ୍ଗରାଜ ସାହୁ ପ୍ରମୁଖ ସଂଘର ଆଭିମୁଖ୍ୟ ଓ ସଂଗଠନର ଦୃଢତା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସଭାପତି ଡଃ ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ଆରମ୍ଭ

ନୂଆପଡ଼ା, ୧୫ ।୨(ନି.ପ୍ର): ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ମଙ୍ଗଳବାର ଠାରୁ ମନ୍ଦିର ପରିସରରେ ଶୁଭାରମ୍ଭ ହୋଇଛି । ପାଂଚଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ପ୍ରତ୍ୟହ ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି । ଉତ୍ସବର ମୁଖ୍ୟକର୍ତା ବିଜୟ ମେହେର ଓ ମୋନାଲିସା ମେହେର ରହିଥିବା ବେଳେ ପ୍ରଥମ ଦିବସର ଯଜ୍ଞକର୍ତା ଭାବରେ ଡାଇମଣ୍ଡ ମେହେର ଓ ଲଳିତା ମେହେର, ହରିଶ୍ଚନ୍ଦ୍ର ମେହେର ଓ ଖିରନ୍ଦ୍ରୀ ମେହେର, ମନୋଜ କୁମାର ଜୈନ ଓ ମୁସ୍କାନ ଜୈନ, ତପିରାମ ମେହେର ଓ ଜେମାମଣି ମେହେର, ଖଗେଶ୍ୱର ମେହେର ଓ ଲିଳି ମେହେର, ରବିନ୍ଦ୍ର ସା ଓ ବିଳାସ ସା, ବୈଷ୍ଣବ ମେହେର ଓ ଯାଜ୍ଞସେନୀ ମେହେର, କେଶବ ମେହେର ଓ ମୁକ୍ତା ମେହେର, ସୁଧିର ମେହେର ଓ ନିଲିମା ମେହେର ପ୍ରମୁଖ ନଅ ଯୋଡ଼ି ଦମ୍ପତି ଦାୟିତ୍ୱ ନିର୍ବାହ କରିଛନ୍ତି । ଯଜ୍ଞକାର୍ଯ୍ୟକୁ ପୂର୍ଣ୍ଣଚନ୍ଦ୍ର ମେହେର, ତ୍ରିନାଥ ମେହେର, ସନ୍ତୋଷ କୁମାର ନାୟକଙ୍କ ସହ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠର କର୍ମକ

ବଥୁଆ

ବଥୁଆ ଶାଗର ଅନେକ ଉପକାରିତା ରହିଛି । ପ୍ରତିଦିନ ଏହି ଶାଗ ଖାଇବା ଦ୍ୱାରା ପଥରୀ ରୋଗକୁ ରକ୍ଷା ମିଳିଥାଏ । ଏହା ଆମାଶୟକୁ ଶକ୍ତି ପ୍ରଦାନ କରେ । ଏହି ଶାଗର ପ୍ରକୃତି ହେଉଛି ଥଣ୍ଡା । ଏହି ଶାଗ ବିଶେଷକରି ଗହମ କ୍ଷେତରେ ଅଧିକ ମାତ୍ରାରେ ହୋଇଥାଏ । ବଥୁଆ ଶାଗରେ ଲୌହ, ସ୍ୱର୍ଣ୍ଣ ଏବଂ କ୍ଷୀର ଆଦି ତତ୍ତ୍ୱ ପୂରି ରହିଛି । ଶରୀରକୁ ସୁସ୍ଥ ରଖିବା ପାଇଁ ହେଲେ ଏହି ଶାଗ ନିୟମିତ ଖାଇବା ଦରକାରୀ । ତେବେ ଏହି ଶାଗର ବେଶୀ ମସଲା ପକାଇବା ଉଚିତ ନୁହେଁ । କାରଣ ଏଥିରେ ତାହାର ଦ୍ରବ୍ୟଗୁଣ ନଷ୍ଟ ହୋଇଥାଏ । ଏଥିରେ ଲୁଣ ନପକାଇଲେ ଭଲ । ସ୍ୱାଦ ପାଇଁ ଯଦି ଲୁଣ ଚାହୁଁଥାନ୍ତି ତେବେ ସୈନ୍ଧବ ଲବଣ ପକାଇ ପାରନ୍ତି । ଘିଅ ଛୁଙ୍କ କରି ପାରନ୍ତି । ଏହି ଶାଗ ସିଝା ଯାଇଥିବା ପାଣି ଶରୀର ପାଇଁ ହିତକର । ବଥୁଆରେ ଦହି ପକାଇ ପ୍ରସ୍ତୁତ ହୋଇଥିବା ରାଇତା ବେଶ୍ ସ୍ୱାଦିଷ୍ଟ ହୋଇଥାଏ । ଯେମିତି ବି ହେଉ ବଥୁଆ ଶାଗ ନିୟମିତ ଖାଇବା ଭଲ । ଏହା ମଧ୍ୟ ଶୁକ୍ରବର୍ଦ୍ଧକ । ଏବେ ଜାଣନ୍ତୁ ଏହି ଶାଗର ଆଉ କିଛି ଗୁଣ....।

ବଥୁରା ଆମାଶୟକୁ ଶକ୍ତି ପ୍ରଦାନ କରିଥାଏ । କିଛି ସପ୍ତାହ ଧରି ନିୟମିତ ବଥୁଆ ଶାଗ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ପେଟ ସଫା ରହେ । ଶରୀରରେ ସର୍ବଦା ଶକ୍ତି ଏବଂ ସ୍ଫୂର୍ତ୍ତି ଭରିରହେ ।

ବଥୁଆ ଶାଗ ସବୁ ଋତୁରେ ମିଳେନାହିଁ । ତେବେ ଯେଉଁ ସମୟରେ ଏହା ମିଳିଥାଏ ନିୟମିତ ଏହାର ରସ କିମ୍ବା ସିଝା ଯାଇଥିବା ପାଣି ପିଅନ୍ତୁ । ଏହା ପେଟରେ ବିଭିନ୍ନ ରୋଗକୁ ଆରୋଗ୍ୟ କରିଥାଏ । ଅଜୀର୍ଣ୍ଣ, କୃମି, ବାୟୁରୋଗ, ଆଦିକୁ ଦୂରକରେ ।

ପଥରୀରେ ପୀଡ଼ିତ ବ୍ୟକ୍ତି ନିୟମିତ ଏକ ଗ୍ଲାସ ବଥୁଆ ରସରେ ଚିନି ମିଶାଇ ପିଇବା ଦ୍ୱାରା ପଥରୀ ଖଣ୍ଡଖଣ୍ଡ ହୋଇ ବାହାରିଯାଏ । ମୁଣ୍ଡରେ ନିଖ ହେଉଥିଲେ ବଥୁଆକୁ ସିଝାଇ ତା'ର ପାଣିରେ ମୁଣ୍ଡ ଧୋଇବା ଦ୍ୱାରା ନିଖ ମରିଯାଏ । କେଶ ମଧ୍ୟ ସଫା ହୋଇଯାଏ ।

– ମହିଳାଙ୍କ ମାସିକ ଧର୍ମରେ ଅନିୟମିତତା ଦେଖାଦେଲେ ଦୁଇ ଚାମଚ ବଥୁଆ ମଞ୍ଜି ନେଇ ସେଥିରେ ଗୋଟିଏ ଗ୍ଲାସ ପାଣି ଦେଇ ତାକୁ ଭଲ ଭାବେ ଫୁଟାନ୍ତୁ । ପାଣି ମରିମରି ଅଧଗ୍ଲାସ ରହିଲେ ତାକୁ ଛାଣି ପିଇବାକୁ ଦିଅନ୍ତୁ । ଏହି ସମସ୍ୟା ଦୂର ହୋଇଯିବ । ଆଖି ଲଲ ପଡୁଥିଲେ ବା ବରଜ ରହୁଥିଲେ ପ୍ରତିଦିନ ବଥୁଆ ଶାଗ ଖାଆନ୍ତୁ ।

– ଅଧକିଲୋ ବଥୁଆରେ ଚିନି ଗ୍ଲାସ ପାଣି ମିଶାଇ ସିଝାନ୍ତୁ । ଏହାପରେ ପାଣି ଛାଣି ଦିଅନ୍ତୁ । ଏହି ପାଣିରେ ବଥୁଆକୁ ଭଲ ଭାବେ ଚିପୁଡ଼ି ତା'ର ପାଣିକୁ ମିଶାଇ ଦଅନ୍ତୁ । ଏହାକୁ ସ୍ୱାଦୁକର କରିବା ପାଇଁ ଲେମ୍ବୁ, ଜିରା ସାମାନ୍ୟ ଗୋଲ ମରିଚ ଏବଂ ସୈନ୍ଧବ ଲବଣ ମିଶାଇ ପାରନ୍ତି । ଏହାକୁ ଦିନରେ ତିନିଥର ପିଇବା ଦ୍ୱାରା ପରିସ୍ରାରେ ଜ୍ୱଳନ ଏବଂ ଅନ୍ୟାନ୍ୟ ପରିସ୍ରାଜନିତ ସମସ୍ୟା ଦୂରହୁଏ । ବାୟୁବିକାର ଆରୋଗ୍ୟ ହୁଏ । ଖାଦ୍ୟ ହଜମ ହୁଏ । ପେଟ ହାଲକା ରହେ । ସିଝା ଶାଗକୁ ଦହି ମିଶାଇ ଖାଆନ୍ତୁ ।

– ପରିସ୍ରା ରହି ରହି ହେଉଥିଲେ ବଥୁଆ ରସ ପିଇଲେ ଭଲ ହୋଇଯାଏ ।

– ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ଭଲ ହେଇଯାଏ ।

ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ପେଟକୁ କୃମି ମରିଯାଆନ୍ତି । ଗୋଟିଏ ଚାମଚ ବଥୁଆମଞ୍ଜିର ଗୁଣ୍ଡରେ ମହୁ ମିଶାଇ ଚାଟି ଖାଇବା ଦ୍ୱାରା ମଧ୍ୟ କୃମି ମରି ଯାଆନ୍ତି ଏବଂ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

– ଧଳା ଦାଗ, କୁଣ୍ଡିଆ ଆଦି ଚର୍ମରୋଗ ହେଉଥିଲେ ପ୍ରତିଦିନ ବଥୁଆ ଶାଗକୁ ସିଝାଇ ତାକୁ ଚିପୁଡ଼ି ରସ ପିଅନ୍ତୁ ସିଝା ଯାଇଥିବା ପାଣିକୁ ନଫିଙ୍ଗି ସେଥିରେ ତ୍ୱଚାକୁ ଧୋଇ ଦିଅନ୍ତୁ । ଆହୁରି ମଧ୍ୟ ବଥୁଆର କଞ୍ଚାପତ୍ରକୁ ଛେଚି ସେଥିରୁ ରସ ବାହାର କରନ୍ତୁ । ଦୁଇକପ ରସରେ ଅଧକପ ରାଶି ତେଲ ମିଶାଇ ତାକୁ ଧୀରେ ଧୀରେ ନିଆଁ ଜାଳି ଗରମ କରନ୍ତୁ । ରସ ମରି ତେଲ ରହିଗଲେ ତାକୁ ଛାଣି ଏକ ଶିଶିରେ ରଖନ୍ତୁ । ଏହାକୁ ନିୟମିତ ଲଗାଇଲେ ଚର୍ମରୋଗ ଭଲହୁଏ ।

– ବଥ, ବାରମୂଳିଆ ଆଦିକୁ ବସାଇବା କିମ୍ବା ଫଟାଇବା ପାଇଁ ମଧ୍ୟ ବଥୁଆ ଶାଗକୁ ବ୍ୟବହାର କରା ଯାଇଥାଏ ।

ପରଫେକ୍ଟ ଲାଇଫ ଷ୍ଟାଇଲ

ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣନ୍ତୁ କୋତୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...

ଏପରି କରନ୍ତୁ ଦିନର ଆରମ୍ଭ:-

ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ପ୍ରଭାବ ଜୀବନଶୈଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ । ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ । ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ । କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ । ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ । ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ ।

ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଆପଣ ଏହାର ମଜା ଉଠାଇପାରିବେ ।

ଟାଇମମ୍ୟାନେଜମେଣ୍ଟ:-

ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି । ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ାଇଥାଏ ।

ନିଜ ଇଚ୍ଛା କମ୍ କରନ୍ତୁ:- ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ ।

ଅତୀତକୁ ଭୁଲିଯାଆନ୍ତୁ:-

ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ ।

ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।

ଟେନସନ ଠାରୁ ଦୂରରେ ରୁହନ୍ତୁ:-

ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-

ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।

ଖାଦ୍ୟ ଓ ସ୍ୱାସ୍ଥ୍ୟ

– ଛଅଘଣ୍ଟାରୁ କମ୍ ଶୋଇଲେ ଉଚ୍ଚ ରକ୍ତଚାପ ସହ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ରହିଥାଏ ।

– କମ୍ ଶୋଇବା ଯୋଗୁଁ ଶରୀରକୁ କମ୍ ଅମ୍ଳଜାନ ମିଳିଥାଏ ।

– କମ୍ ଶୋଇବା ଦ୍ୱାରା ବାର୍ଦ୍ଧକ୍ୟ ଶୀଘ୍ର ଆସିଥାଏ । ଏଥିପାଇଁ କମ୍ ବୟସରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ ।

– କମ୍ ଶୋଇବା ଫଳରେ ମେଦ ବୃଦ୍ଧି ହୋଇଥାଏ ।

– ଶୋଇବା କମ୍ ହେଲେ ସହବାସ ଓ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।

– କୌଣସି କାମରେ ମନ ଲାଗେ ନାହିଁ ।

– ମାନସିକ ସମସ୍ୟା ବୃଦ୍ଧି ପାଇଥାଏ ।

– ସ୍ମୃତି ଶକ୍ତି ହ୍ରାସ ପାଇଥାଏ ।

– ଶ୍ରବଣ ଶକ୍ତି ମଧ୍ୟ ହ୍ରାସ ପାଇଥାଏ ।

ଭାରତରେ ଖଟା ବ୍ୟଞ୍ଜନର ଆଦର

କେବଳ ଯୁବତୀ ଓ ମହିଳାମାନେ ଆଚାର କିମ୍ବା ଖଟା ବ୍ୟଞ୍ଜନର ପ୍ରିୟ ନୁହନ୍ତି ବରଂ ପୁରୁଷ ଖାଦ୍ୟ ପ୍ରେମୀଙ୍କ ସଂଖ୍ୟା ମଧ୍ୟ ଏ କ୍ଷେତ୍ରରେ ସର୍ବାଧିକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପ୍ରାୟତଃ ସମସ୍ତ ପ୍ରକାର ଉତ୍ତର-ଭାରତୀୟ ବ୍ୟଞ୍ଜନରେ ଆମଚୁରର ପ୍ରୟୋଗ କରାଯାଏ । ଆମରୁ ପ୍ରସ୍ତୁତ ଆମଚୁର ଆଜିକାଲି ଭାରତରେ ପ୍ରତ୍ୟେକ ପ୍ରାନ୍ତରେ ଉପଲବ୍ଧ । ବଙ୍ଗୀୟ ଖାଦ୍ୟରେ ଲେମ୍ବୁର ବାସ୍ନା ରହୁଥିବାବେଳେ ଅନେକ ବର୍ଷ ତଳେ ଆମ ପାରମ୍ପାରିକ ଖାଦ୍ୟରେ ଜଙ୍ଗଲୀ ଲେମ୍ବୁ ବ୍ୟବହୃତ ହେଉଥିଲା ।

ତାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉତ୍ତମ ଥିବାର ବିଭିନ୍ନ ଗବେଷଣାରୁ ପ୍ରକାଶ । ପଞ୍ଜାବ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଖଟା ସ୍ୱାଦ ନିମନ୍ତେ ତାଲିମ୍ବ ପ୍ରୟୋଗ କରାଯାଏ । ତାଲିମ୍ବ ମଞ୍ଜିକୁ ଶୁଖାଇ ତାହାକୁ ଗୁଣ୍ଡ କରି ବିଭିନ୍ନ ବ୍ୟଞ୍ଜନରେ ତାହାର ବ୍ୟବହାର କରାଯାଉଥିବାର ଜଣାପଡ଼ିଛି । ଦକ୍ଷିଣ ଭାରତର ପ୍ରତ୍ୟେକ ପାରମ୍ପାରିକ ବ୍ୟଞ୍ଜନରେ ତେନ୍ତୁଳିର ସ୍ୱାଦ ଅନୁଭବ କରିହୁଏ । ଆରବ ସୌଦାଗରମାନେ ଅନେକ ବର୍ଷ ତଳେ ତେନ୍ତୁଳିକୁ 'ତାମ୍ର-ଏ-ହିନ୍ଦ୍' ନାମକରଣ କରିଥିଲେ । ହାଇଦ୍ରାବାଦର ପାରମ୍ପାରିକ ବ୍ୟଞ୍ଜନରେ ଖଟାର ସ୍ଥାନ ନେଲା ଟମାଟୋ ଓ ବହି । ଏସବୁର ଉପଯୋଗ ସେମାନେ ସେଠାର ଲୋକପ୍ରିୟ 'ବିରିୟାନୀ' ଓ 'ଖଟା' ମୁର୍ଗ'ରେ କରିଥିଲେ । ରାଜସ୍ଥାନରେ କାହିଁ କେଉଁକାଳରୁ ଦହିର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ ହୋଇଆସୁଛି । ରାଜପରିବାରର ଶାକାହାରୀ ଥାଳିରେ ଦହି ଏକ ମୁଖ୍ୟ ବ୍ୟଞ୍ଜନ ଥିଲା । ଆଜିକାଲି ବଜାରରେ ବିଭିନ୍ନ ବିଦେଶୀ ଓ ଦେଶୀ କମ୍ପାନୀର କୃତ୍ରିମ ଖଟା ଉପଲବ୍ଧ ହେଲେ ସେସବୁ ପାରମ୍ପାରିକ ଭୋଜନରେ ସ୍ଥାନ ନେଇପାରିନାହିଁ ।

ଶରୀର ପାଇଁ ଜରୁରୀ ଆଣ୍ଟିଅକ୍ସିଡାଣ୍ଟ

ମନୁଷ୍ୟ ଖଣ୍ଡିଆ ଖାବରା ହେଲେ କିମ୍ବା ଅପରେସନ୍ ହେଲେ, ଶରୀର ଶୀଘ୍ର ସୁସ୍ଥ ହେବା ନିମନ୍ତେ ଆଣ୍ଟିଅକ୍ସିଡାଣ୍ଟର ଆବଶ୍ୟକତା ପଡ଼ିଥାଏ । କେବଳ ଔଷଧ ନ ଖାଇ ବରଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଖାଦ୍ୟପାନୀୟ ସେବନ କରିବା ମଧ୍ୟ ଶରୀର ପାଇଁ ଖୁବ୍ ହିକର । ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ଲେମ୍ବୁ ଫଳରେ ମହଜୁଦ୍ ଥିବା ଭିଟାମିନ୍ 'ସି' ଆଣ୍ଟିଅକ୍ସିଡାଣ୍ଟର ଅନ୍ୟତମ ସ୍ରୋତ । ଏଣୁ ଲେମ୍ବୁ ପାଣି ପିଇଲେ କିମ୍ବା କୌଣସି ବ୍ୟଞ୍ଜନରେ

ଏହାର ଉପରୋଗ କରିବା ଶରୀର ପାଇଁ ହିତକାରୀ । ଏହା ସହ ଲେମ୍ବୁର ଥିବା ତତ୍ତ୍ୱ କେଶ ଓ ତ୍ୱଚା ପାଇଁ ମଧ୍ୟ ଉତ୍ତମ ।

ପାଚିଲା କଦଳୀ ସମସ୍ତ ବ ର୍ଗ ଓ ବୟସର ଲୋକ ଖାଇବା ଉଚିତ । ଏଥିରେ ଥିବା ବିଭିନ୍ନ ପୋଷାକତତ୍ତ୍ୱ ଶରୀରର ହଜମ ପ୍ରକ୍ରିୟା ସୁଧାରିବା ସହ ଶକ୍ତି ଯୋଗାଏ । ଏଣୁ ସକାଳ ଜଳଖିଆରେ ଅନ୍ତତଃ ଗୋଟିଏ କଦଳୀ ଖାଇବା ଭଲ ।

ବ୍ରାଉନ ରାଇସ୍ କେବଳ ମଧୁମେହ ରୋଗୀ ଓ ମେଦବହୁଳ ରୋଗୀଙ୍କ ପାଇଁ ଉତ୍ତମ ଖାଦ୍ୟ ନୁହେଁ । ଏଥିରେ ଥିବା ଫିଲିଫିନିଲ ନାମକ ଆଣ୍ଟିଅକ୍ସିଣ୍ଟାଣ୍ଟ ତତ୍ତ୍ୱ ଶରୀର ପାଇଁ ମହୌଷଧିଭାବେ କାମ କରେ । ଏଣୁ ନିୟମିତ ଭାବେ ବ୍ରାଉନ ରାଇସ୍ ଖାଇବା ଅଭ୍ୟାସ କରନ୍ତୁ ।

ଖାଦ୍ୟ ଓ ସ୍ୱାସ୍ଥ୍ୟ

– ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହାଦ୍ୱାରା ରକ୍ତ ସଂଚାଳନ ଉତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ ।

– ମଧୁମେହ ରୋଗୀ ନିୟମିତ ଭାବେ ମେଥି ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରୁ ମହଜୁଦ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରେ ।

– ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ ।

– ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧

ମାସ ମଧ୍ୟରେ ସୁଫଳ ମିଳିଥାଏ ।

– ମେଥିରେ ମହଜୁଦ ଥିବା ଫାଇବର ଶରରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହାତ୍ୱଚା, କଲୋନ କର୍କଟର ଆଶଙ୍କା କମ୍ ରଖିଥାଏ ।

– ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଂଚାଳନ ଉତମ ହେବାରେ ସାହାଯ୍ୟ କରିଥାଏ ।

ଦୃଷ୍ଟିଶକ୍ତି କମାଏ ସ୍ମାର୍ଟଫୋନ୍

ଆଜିକାଲି ହାଇଟେକ ଯୁଗ । ପିଲାମାନେ ବିଭିନ୍ନ ଇଲେକଟ୍ରୋନିକ ଜେକ ପ୍ରତି ଆକର୍ଷିତ ହେଉଥିବାର ଦେଖିବାକୁ ମିଳୁଛି । କିନ୍ତୁ ଯଦି ଆପଣଙ୍କ ପିଲା ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର କରୁଛି ତେବେ ତାକୁ ଏଥିରୁ ବିରତ କରନ୍ତୁ । କାରଣ ଭବିଷ୍ୟତରେ ଏହା ପିଲାର ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ମିଳିଛି ସଦ୍ୟତମ ଗବେଷଣାରୁ । ପିଲାଙ୍କ ଦୃଷ୍ଟିଶକ୍ତି ଏବଂ ସ୍ମାର୍ଟଫୋନ ବିଷୟକୁ ନେଇ ଆମେରିକୀୟ ବିଶେଷଜ୍ଞମାନେ ଗବେଷଣା କରିଥିଲେ । ପ୍ରତିଦିନ ଅଧିକାଂଶ ସମୟ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା କେତେକ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ପିଲାଙ୍କର ଚକ୍ଷୁ ସମସ୍ୟା ଥଡ଼ିବାର ଜଣାପଡ଼ିଥିଲା । ପିଲାମାନେ ଏଭଳି ଫୋନ ଯେତେ କମ ବ୍ୟବହାର କରିବେ ତାହା ସେତେ ଭଲ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଭୂକମ୍ପର ପରିଣତି.....

ତୁର୍କୀ ଓ ସିରିୟାରେ ୬ ତାରିଖରେ ହୋଇଥିବା ଭୟଙ୍କର ଭୂକମ୍ପ ଯେଉଁ ତାଣ୍ଡବ ରଚିଯାଇଛି, ତାହା ମାନବ ସଭ୍ୟତା ପାଇଁ ସମ୍ଭବତଃ ସର୍ବବୃହତ୍ ବିଭୀଷିକା । ଏପର୍ଯ୍ୟନ୍ତ ପ୍ରାୟ ଚାଳିଶି ହଜାର ଲୋକଙ୍କର ମୃତ୍ୟୁ ହୋଇଗଲାଣି । ହଜାର ହଜାର ଲୋକ ଏବେ ଧ୍ୱଂସସ୍ତୂପ ତଳେ ରହିଛନ୍ତି । ସେହିଭଳି ଜୀବନ-ମୃତ୍ୟୁ ସଂଘର୍ଷରେ ଅଛନ୍ତି ହଜାର ହଜାର ଲୋକ । ବହୁ ପରିବାରଙ୍କୁ ଭୂକମ୍ପ ନିଶ୍ଚିହ୍ନ କରିଦେଇଛି, ବଞ୍ଚିବାର ରାହା ପାଉନଥିବା ଅନେକ ପରିବାରଙ୍କ ଆଉଁ ଚିହାରରେ ଗଗନ ପବନ ଫାଟି ପଡୁଛି । ଘନଘନ ଭୂକମ୍ପ-ପରବର୍ତ୍ତୀ ଝଟ୍‌କାରେ ତାସ୍କଘର ଭଳି ଭୂମିରେ ଲୋଟି ପଡୁଛି ଶହ ଶହ କୋଠା । ତୁର୍କୀ-ସିରିୟାରେ ସଂଘଟିତ ଭୂକମ୍ପର ଭୟ ପୃଥିବୀର ଅନ୍ୟ ରାଷ୍ଟ୍ରରେ ମଧ୍ୟ ଦେଖାଦେଇଛି । ଭୂକମ୍ପ ନେଇ ନିର୍ଦ୍ଦିଷ୍ଟ ପ୍ରମାଣସିଦ୍ଧ ପୂର୍ବାନୁମାନ ନଥିବାରୁ ତାହା ନେଇ କେହି କିଛି କହିବା ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ । ବର୍ଷା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ନେଇ ପାଣିପାଗ ବୈଜ୍ଞାନିକମାନେ ବହୁ କିଛି ଆଗୁଆ ସୂଚନା ଦେଇପାରୁଛନ୍ତି । ସପ୍ତାହେ-ପନ୍ଦର ଦିନ ପୂର୍ବରୁ କହିପାରୁଛନ୍ତି କେଉଁ ଦିଗରେ ଅବପାତ ହେବାର ସମ୍ଭାବନା ଅଛି କ' କେଉଁ କ୍ଷେତ୍ର ବନ୍ୟା-ବାତ୍ୟା ପ୍ରବଣ । ସେହିଭଳି ଘନକୁହୁଡ଼ି ସମ୍ଭାବନା, ଗ୍ରୀଷ୍ମପ୍ରବାହ ନେଇ କିଛିଦିନ ପୂର୍ବ ସୂଚନା ଦେଇହେଉଛି । ମାତ୍ର ଭୂକମ୍ପ ସମ୍ପର୍କରେ ଏବସୁଦ୍ଧା କିଛି ଆଗୁଆ ସୂଚନା ଦେଇପାରିବା ସମ୍ଭବ ହୋଇନାହିଁ । ତୁର୍କୀ-ସିରିୟାରେ ଏଭଳି ଭୁକମ୍ପ ବିଭୀଷିକାର ଧ୍ୱଂସଲୀଳାର ଇତିହାସ ରହିଛି । କୁହାଯାଉଛି ଯେ, ବହୁଥର ଭୟଙ୍କର ଭୂକମ୍ପ ଧନ-ଜନ ଧନ-ଜନ କ୍ଷୟ ହୋଇସାରିଛି । କିନ୍ତୁ ଚଳିତ ବିପର୍ଯ୍ୟୟର କ୍ଷତି ସର୍ବାଧିକ । ଏବେସୁଦ୍ଧା ହୋଇଥିବା ମୃତ୍ୟୁସଂଖ୍ୟା ଅର୍ଦ୍ଧ-ଲକ୍ଷାଧିକ ହେବାର ଆଶଙ୍କା ଦେଖାଗଲାଣି । ଭୂକମ୍ପ-ପରବର୍ତ୍ତୀ ଝଟ୍‌କା ଏବେ ବି ହେଉଥ?ବାରୁ ସମସ୍ତେ ଆଶଙ୍କା ଭିତରେ ଅଛନ୍ତି । କିନ୍ତୁ ଏବେ ଗୋଟିଏ ନୂଆ ସମସ୍ୟା ମୁଣ୍ଡ ଟେକିଲାଣି । ସବୁ ବିପଦ ଓ ଦୁଃସମୟରେ କିଛି ଦୁଷ୍ଟଲୋକ ସେମାନଙ୍କର କାରନାମା କରିଥାନ୍ତି । ଲୁଟ୍‌ପାଟ୍ କରି ଦୁଷ୍କୃତିକାରୀମାନେ ବିପନ୍ନମାନଙ୍କର ସମ୍ପତ୍ତି ନେଇ ପଳାଉଥିବାର ଦେଖାଯାଉଛି । ତୁର୍କୀ- ସିରିୟା ସୀମାରେ ଉତ୍ପାତ କରିଚାଲିଥିବା ଦୁର୍ବୃତ୍ତମାନେ ସକ୍ରିୟ ହୋଇ ଉଠିଛନ୍ତି । ଭଗ୍ନାବଶେଷ ଭିତରୁ ସତୁରି ଦେଶର ଉଦ୍ଧାରକାରୀ ଦଳ ସେମାନଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ସମୟରେ ବିଦ୍ରୋହୀମାନେ ସେମାନଙ୍କର ଉଗ୍ରରୂପ ଦେଖାଉଛନ୍ତି । ସେଥିରେ ଭୀତତ୍ରସ୍ତ ହୋଇ କେତେ ଦେଶର ଉଦ୍ଧାରକାରୀ ଦଳ ସ୍ଥାନ ଛାଡ଼ି ଦେଲେଣି । ମିଳିତ ଜାତିସଂଘ ଏବକାର ସ୍ଥିତିରେ ଉଦ୍ଧାର କାର୍ଯ୍ୟ ବନ୍ଦ କରି ରିଲିଫ୍‌ଙ୍କୁ ବେଶୀ ଗୁରୁତ୍ୱ ଦେଉଥ?ବାର ଦେଖାଯାଉଛି । ଉଦ୍ଧାର କାର୍ଯ୍ୟରୁ ସେଭଳି କିଛି ଆଶାଜନକ ପ୍ରମାଣ ନଥିବାର ଜାତିସଂଘ ବିଚାର କରି ଜାତିସଂଘ ଏଭଳି ନିଷ୍ପତ୍ତି ନେଇଥିବା ଏବଂ ରିଲିଫ୍ ଉପରେ ଅଧିକ ଫୋକସ୍ କରିଥିବା ଜଣାଯାଇଛି । ଧ୍ୱଂସସ୍ତୂପ ତଳେ ପୋତି ହୋଇଥିବା ବ୍ୟକ୍ତିଙ୍କ ଉଦ୍ଧାର ପରିବର୍ତ୍ତେ ଯେଉଁମାନେ ଉଦ୍ଧାର ହୋଇଛନ୍ତି, ସେମାନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ କିଭଳି ସହାୟତା ଯୋଗାଇ ହେବ, ତାହା ଉପରେ ପ୍ରାଥମିକତା ଦିଆଯାଉଛି । ଅନ୍ୟମାନଙ୍କ ଭିତରେ ଇସ୍ରାଏଲ୍, ଜର୍ମାନୀ ଓ ଅଷ୍ଟ୍ରିଆ ଭଳି ଦେଶ ନିକଟରେ ବିଦ୍ରୋହୀମାନଙ୍କ ସମ୍ଭାବ୍ୟ ହିଂସାତ୍ମକ ଆକ୍ରମଣ ଆଶଙ୍କା ଦୃଷ୍ଟିରୁ ଉଦ୍ଧାରକାରୀ ଦଳଙ୍କୁ ଫେରାଇ ନେଇଛନ୍ତି । ତୁର୍କୀ-ସିରିୟାର ଦୁଃସ୍ଥିତି ଅନ୍ୟ କେଉଁଠି ନହେବ, ତାହା କେହି କହିପାରିବେ ନାହିଁ । ଭୂ- ବିଜ୍ଞାନୀମାନେ ଅନୁମାନ ଲଗାଇ କହୁଛନ୍ତି ଯେ, ହିମାଳୟ ପର୍ବତଶ୍ରେଣୀ ଓ ପାଦଦେଶ ଭୂକମ୍ପ ପ୍ରବଣ ଇଲାକାରେ ଯାଉଛି । ଆମେ ଜାପାନ, ସବୁ ସମୟରେ ଏମିତିରେ ଭୂକମ୍ପର ଆଶଙ୍କା ଜାରି ରହିଛି । ଏବେ ଦିଲ୍ଲୀ, ମୁମ୍ବାଇ ଭଳି କ୍ଷେତ୍ରରେ ସମାନ ବିପରି ଆମେ ଦେଖିପାରୁଛୁ । ଉତ୍ତର-ପୂର୍ବ କ୍ଷେତ୍ର ଭୂକମ୍ପପ୍ରବଣ ବଳୟରେ ରହିଛି । କେତେବେଳେ କିଭଳି ଭୟାନକ ଦୁର୍ଘଟଣା ନଘଟିବ, ତାହା କେହି କହିନପାରନ୍ତି । ତାହା କେଉଁଠି କି ରୂପରେ ଦେଖାଦେବ, ତା' ଉପରେ କାହାରି ନିୟନ୍ତ୍ରଣ ନାହିଁ । ଆମ ଦେଶରୁ ଯାଇଥିବା ଏନ୍‌ଆର୍‌ଏଫ୍ ଟିମ୍ ଭୂକମ୍ପ ପ୍ରପୀଡ଼ିତ କ୍ଷେତ୍ରରେ ପ୍ରାଣମୂର୍ଚ୍ଛା ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ସେଥିପାଇଁ ତୁର୍କୀ ସରକାର ଭାରତକୁ ଧନ୍ୟବାଦ ଦେଇଛନ୍ତି । କିନ୍ତୁ ତାହାରି ଭିତରେ ଏହି ବିପର୍ଯ୍ୟୟକୁ କିଭଳି ମୁକାବିଲା କରିହେବ, ତାହା କେବଳ ସେଠିକାର ସରକାର ନୁହଁନ୍ତି, ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ପ୍ରପୀଡ଼ିତଙ୍କ ଦୁଃଖ ଯନ୍ତ୍ରଣା ସମଗ୍ର ବିଶ୍ୱର ଯନ୍ତ୍ରଣା । ତମାମ ବିଶ୍ୱ ଏବେ ପୀଡ଼ିତମାନଙ୍କ ନିକଟରେ ଛିଡ଼ା ହୋଇଛନ୍ତି । କିନ୍ତୁ ଧ୍ୱସ୍ତ କ୍ଷେତ୍ରରୁ ପୁଣି ପୁରୁଣା ତୁର୍କୀର ଉଦୟ ସମ୍ଭାବନା କ୍ଷୀଣ । ଯେତେ ବିପୁଳ ପରିମାଣର ସହାୟତା ହୋଇଥାଉନା କାହିଁକି, ତାହା ସମୁଦ୍ରକୁ ଶଙ୍ଖେ ।

ଗଛ ତଳ ଛାଇ

ଧ୍ରୁବ ଚରଣ ଘିବେଲା

ଗଛ ଯଦି ଥିବ ଅତି ଗହଳିଆ
ଗଛ ତଳେ ଖେଳେ ଛାଇ
ଖରା ବେଳେ ଯଦି କରୁଥାନ୍ତି ଗତି
ଲୋଡ଼ନ୍ତି ଛାଇ ବାଟୋଇ ଓ

ଗଛ ଛାଇ ଦେଖି ହୋଇଯାଇ ଖୁସି
ଅଟକେ ବାଟୋଇ ସେଠି
ଥକା ମେଣ୍ଟାଇବା ପାଇଁ ବସିଯାଏ
ସମୟ ସୁଯୋଗ ଦେଖି ଓ

ଫୁଲ ସହ ଫଳ ରହିଥିଲେ ଗଛେ
ବଢ଼େ ଗଛର ସୌନ୍ଦର୍ଯ୍ୟ
ଦର୍ଶକ ଦେଖିଲେ ମନରେ ସେ
ଭାଳେ
କେତେ ସୁନ୍ଦର ସତେଜ ଓ

ଯଦି ଫୁଲ ଫଳ ନ ହେଲା ଗଛରେ
ଛାଇ ନିଶ୍ଚେ ଗଛ ଦେବ

ଛାଇ ନ ଦେବାକୁ କିଏ ବା ଗଛକୁ
କହି ବାରଣ କରିବ ?

ଛାଇର ମହତ୍ତ୍ୱ ପଥିକ ଜାଣନ୍ତି
ଗଛ ତଳେ ହାଇ ମାରି
ଖରା ବେଳେ ସୁଖ ଦିଏ ଗଛ ଛାଇ
ଦେହ ଝାଳ ଯାଏ ମରି ଓ

ଛାଇ ସୁଖକର ଖରା ବେଳ କାଳ
କ୍ଲାନ୍ତି ହୁଏ ଉପଶମ
ବହୁଥିଲେ ବାଆ ଥିଇରି ଥିଇରି
ଆଉରି ଲାଗେ ଆରାମ ଓ

ଛାଇ, ଗଛ ତଳ ଥାଇ ସୁଶୀତଳ
ଖୁବ ଆରାମଦାୟକ
ସୁନ୍ଦର ସେ ଛାଇ ନିଏ ମନ ମୋହି
ଅତୀବ କ୍ଲାନ୍ତି ହାରକ ଓ

ଡାକ - ବଉଦରାଜ, ଜି. ବୌଦ୍ଧ
ପିନ - ୭୬୨୦୧୪
ମୋ:୯୪୩୭୪୭୮୪୬୬

ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା

ଡକ୍ଟର ବାୟାମନୁ ଚର୍ଚ୍ଚି

ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଏକ ଶାସନାଧୀନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ, ରୟତ ଆନ୍ଦୋଳନ, ନାଟ୍ୟ ଆନ୍ଦୋଳନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପ୍ରଚାର ଓ ପ୍ରସାର ତଥା ଗରିବ ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନରେ ସହାୟତା ଆଦି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାରଳାଖେମୁଣ୍ଡି ପରିଚ୍ଛାମଠର ମଠାଧୀଶ ଆପନ୍ନା ପରିଚ୍ଛା । ଜନ୍ମ ତା.୧୬.୨.୧୮୭୯ । ପିତା ଲକ୍ଷ୍ମୀ ନାରାୟଣ ପରିଚ୍ଛା ଏବଂ ମାତା ରତ୍ନମଣି ଦେବୀ । ସେ ଆବାଲ୍ୟରୁ ଶାନ୍ତ, ସୌମ୍ୟ ଓ ନମ୍ର । ଆପନ୍ନାଙ୍କ ପୂର୍ବପୁରୁଷ ଥିଲା କାଳିଆ ପଣ୍ଡା । ଆପନ୍ନା ମାଧ୍ୱ ଗୌଡୀୟ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଶୁଦ୍ଧପୂତ ଜୀବନଯାପନ କରୁଥିଲେ । ବୈଷ୍ଣବ ସାହିତ୍ୟ ଅଧ୍ୟୟନ, ଭଜନ, କୀର୍ତ୍ତନରେ ସେ ଅପାର ଆନନ୍ଦ ପାଉଥିଲେ । ସେ ଥିଲେ ଜଣେ ସାଧୁ, ସଂଭ୍ରାନ୍ତ, ଶିକ୍ଷିତ ଓ ମାର୍ଜିତ ସ୍ୱଭାବ ସଂପନ୍ନ ବ୍ୟକ୍ତି । ବ୍ରିଟିଶ ଶାସନ କାଳରେ ସେ ଅବୈତନିକ ବେଞ୍ଚ ମାଜିଷ୍ଟ୍ରେଟ୍ ଭାବେ ୫ ବର୍ଷରୁ ଅଧିକ କାଳ ପାଇଁ ନିଯୁକ୍ତି ପାଇଥିଲେ ।

ଇଂରେଜ ଶାସନକାଳରେ ଅଣଓଡ଼ିଆଙ୍କ ବିଶେଷ ପ୍ରାଦୁର୍ଭାବ ହେତୁ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନେ ନାନା ନିର୍ଯାତନା ଭୋଗୁଥିଲେ । ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଥିଲା । ଅଣଓଡ଼ିଆମାନେ ବିଭିନ୍ନ ସରକାରୀ ପଦପଦବୀରେ ଥିଲେ । ଗଂଜାମ ଥିଲା ମାଡ୍ରାସ୍ ପ୍ରେସିଡେନ୍‌ସିରେ । ଖଲ୍ଲିକୋଟ ରାଜାଙ୍କ ରମ୍ପା ରାଜପ୍ରାସାଦରେ ରାଜା ହରିହର ମର୍ଦ୍ଦରାଜଙ୍କର ପୁତ୍ର ରାମଚନ୍ଦ୍ରଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚି ରହିବ, ସେ ସଂପର୍କରେ ଆଲୋଚନା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ ଦାସ । ଏହି ରମ୍ପା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ ।

ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ପୁରୀଠାରେ ୧୯୧୩ ମସିହା ଡିସେମ୍ବର ୩୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା ଏବଂ ପାରଳାର ଅନ୍ୟତମ ପ୍ରତିନିଧି ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଯୋଗଦାନ କରିଥିଲେ । ଉଭୟେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ କରିବା ପାଇଁ ଆଲୋଚନା କରି ଅଧିବେଶନରେ ଗୋରାଚାନ୍ଦ ବିଧିବଦ୍ଧ ପ୍ରସ୍ତାବ ଦେଲେ । ସମର୍ଥନ କଲେ ଆପନ୍ନା । ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଆପନ୍ନା ପରିଚ୍ଛା ପୁରୀରୁ ଫେରିଲା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ତା. ୭.୪.୧୯୧୪ରେ ସାକ୍ଷାତ୍ କରି ଏହା ଜଣାଇଲେ । ମହାରାଜା ପ୍ରସନ୍ନ ହେଲେ । ପ୍ରକାଶଯୋଗ୍ୟ ଯେ, ୧୯୧୩ ଏପ୍ରିଲ ୨୬ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗାଦିପ୍ରାପ୍ତ ହୋଇଥିଲେ । ଡିସେମ୍ବର ୨୫ ଓ ୨୬ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ବଦଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଦେଲେ । ମହାରାଜାଙ୍କ ଅତିଶୟ ଆଗ୍ରହ, ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ମନୋଭାବ ତଥା ଦୃଢ଼ତା ଲକ୍ଷ୍ୟ କରି କୁଳବୃଦ୍ଧ ମଧୁସୂଦନ ଦାସ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ଏହି ଅଧିବେଶନରେ ସଫଳତା ପାଇଁ ଆପନ୍ନା ପରିଚ୍ଛା ପୂର୍ଣ୍ଣ ସମର୍ପିତ ଥିଲେ । ଆପନ୍ନା ପରିଚ୍ଛା ଗଂଜାମର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ସଂପର୍କ ସ୍ଥାପନ କରି ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ହେଲେ ।

ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ 'ୟଙ୍ଗ୍ ଉତ୍କଳ ଏସୋସିଏସନ୍'ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ 'ଉତ୍କଳ ହିତୈଷିଣୀ'ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ । 'ଉତ୍କଳ ହିତୈଷିଣୀ ସମାଜ' ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା ।

ପାରଳାଖେମୁଣ୍ଡି ଅଞ୍ଚଳରୁ ସେ ଥିଲେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଦସ୍ୟ । ସେ ୧୯୧୨ ଡିସେମ୍ବର ମାସ କଲିକତା କଂଗ୍ରେସର ମହାଧିବେଶନ, ୧୯୨୩ ଡିସେମ୍ବର କାକିନଡ଼ା କଂଗ୍ରେସ ଅଧିବେଶନରେ ବ୍ୟକ୍ତିଗତ ଖର୍ଚ୍ଚରେ ଯୋଗଦାନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ଗୋପବନ୍ଧୁ ବହୁବାର ପରିଚ୍ଛାମଠକୁ ଆସିଥିଲେ ।

ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ୧୯୨୭ ମସିହା ଡିସେମ୍ବର ୩ ତାରିଖ ଦିନ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ । ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ସଭାରେ ୧୦ ସହସ୍ର ଲୋକ ଉପସ୍ଥିତ ଥିଲେ ।

ପରିଚ୍ଛା ମଠକୁ ଓଡ଼ିଶାର ସ୍ୱନାମଧନ୍ୟ ଜନନେତା, ସଂଗ୍ରାମୀମାନେ ବହୁବାର ଆସୁଥିଲେ । କୁଳବୃଦ୍ଧ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଅନନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ, ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀବତ୍ସ ପଣ୍ଡା ଆଦି ସେମାନଙ୍କ ମଧ୍ୟରେ ଥିଲେ ।

ଆପନ୍ନା ପରିଚ୍ଛା ଥିଲେ ଜଣେ ସାହିତ୍ୟ ସ୍ରଷ୍ଟା । ତାଙ୍କ ସୃଷ୍ଟି ମଧ୍ୟରେ ବିଜୟ ବସନ୍ତ ନାଟକ, ଗୋଷ୍ଠ ମିଳନ ନାଟକ, ନବଲୀଳା ବିଳାସ ନାଟକ ପ୍ରକାଶିତ । ଅପ୍ରକାଶିତ ଐତିହାସିକ ନାଟକ- ଚନ୍ଦ୍ରହାସ, ସନ୍ଧି ଉପସନ୍ଧି, ଚଞ୍ଚଳା କୁମାରୀ, କନୌଜ କୁମାରୀ, ହେମଚନ୍ଦ୍ର, ସ୍ୱର୍ଣ୍ଣଲତା ଏବଂ ପୌରାଣିକ ନାଟକ- ସୀତା ବନବାସ, ବିଲ୍ୱମଙ୍ଗଳ, ମାନଭଂଜନ, ହେମଲତା, ରାଧାକୃଷ୍ଣ ପ୍ରଣୟ ଓ ରଘୁନାଥୋପାଖ୍ୟାନ । ପରିଚ୍ଛା ପରିବାରର ନେତୃତ୍ୱ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଦକ୍ଷିଣ ପଶ୍ଚିମ ମୁଣ୍ଡରେ ପ୍ରତିଷ୍ଠିତ ହୋଇଥିଲା ଓଡ଼ିଶାର ପ୍ରଥମ ରଂଗମଞ୍ଚ । ଏହି ରଙ୍ଗମଞ୍ଚରେ ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ନାଟକ ମଞ୍ଚସ୍ଥ ହେଉଥିଲା । 'ବିପଟଲାଲ' କମ୍ପାନୀର ଅନେକ ନାଟକ ଏଠାରେ ଅଭିନୀତ ହୋଇଛି । ପରବର୍ତ୍ତୀ ସମୟରେ ଏହି ରଙ୍ଗମଞ୍ଚର ନାମ ପରିବର୍ତ୍ତନ ହୋଇ 'ପଦ୍ମନାଭ ରଙ୍ଗାଳୟ' ନାମରେ ନାମିତ ହୋଇଛି । ଆପନ୍ନାଙ୍କ ରଚିତ ନାଟକ ଏଠାରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଏଠାରେ ପରିବେଷିତ ହେଉଥିବା ନାଟକ ଏତେ ଲୋକପ୍ରିୟ ଥିଲା ଯେ, ସ୍ୱୟଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରୁଥିଲେ । ମଞ୍ଜୁଷା, ସୁରଙ୍ଗୀ, ବୁଢ଼ାରସିଂହ, ଖଲ୍ଲିକୋଟର ରାଜାମାନେ ତଥା ଜାତୀୟ କାର୍ଯ୍ୟରେ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ନାଟକକୁ ଉପଭୋଗ କରୁଥିଲେ । ଆପନ୍ନା ପରିଚ୍ଛାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ରଙ୍ଗମଞ୍ଚର ନାମ ଥିଲା 'ବୈଷ୍ଣବାନନ୍ଦ ଦାୟିନୀ ସଭା' ବା 'ବୈଷ୍ଣବାନନ୍ଦ ଦାୟିନୀ ସମାଜ' ବା 'ରସିକରାଜ ପ୍ରାସାଦିକ ନାଟକ ସଂଘ' । ପ୍ରକାଶ କରିବା ପ୍ରାସଙ୍ଗିକ ହେବ ଯେ, ସମାଜ/ ସଭା ଏହି ସମୟରେ ନାଟ୍ୟସଂଘ ଭାବେ ଗ୍ରହଣୀୟ ଥିଲା ।

ଆପନ୍ନା ପରିଚ୍ଛାଙ୍କ ଧର୍ମାଚାରଣ ପ୍ରତି ନିଷ୍ଠା ଓ ଅନୁରାଗ, ସଜୋଟତା, କର୍ମ ଦକ୍ଷତାକୁ ହୃଦୟଙ୍ଗମ କରି ବଡ଼ ରାଧାକାନ୍ତ ମଠର ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ୧୯୧୫ ଜାନୁଆରୀ ୮ ତାରିଖ ଦିନ ଟେକେଲୀ, ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଥିବା ଆଠଗୋଟି ମଠ ସହ ମନ୍ଦିର, ଭୂସଂପତ୍ତି, ଜଳାଶ୍ରୟ, ଜଙ୍ଗଲ ଆଦିର ମାଲିକାନା ତାଙ୍କୁ ପ୍ରଦାନ କରିଥିଲେ । ଦକ୍ଷିଣ ଓଡ଼ିଶାର ମୁଖ୍ୟ ଶୈବପୀଠ ମୁଖଲିଙ୍ଗମ୍, ଟେକେଲୀ ମଠ, ତରଳା ଗଡ଼ ମଠ, ମହାଦେଇପୁର ମଠ (ଏସବୁ ମଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି) ଆଦିର ପରିଚାଳନା ପାଇଁ ମଧ୍ୟ ସେ କ୍ଷମତାପତ୍ର ପ୍ରଦାନ କରିଥିଲେ ।

'ମଠସ୍ଥ ଛାତ୍ର ନିଳୟ' ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଅଞ୍ଚଳର ସମସ୍ତ ଅନୁଷ୍ଠାନରେ ଥିବା ଗରିବ ମେଧାବୀ ଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିଥିଲେ । ସ୍କୁଲ ଫି ମଧ୍ୟ ଅନୁଦାନ କରୁଥିଲେ । ୧୯୧୬ ଜୁନ୍ ୧୬ ତାରିଖ ଦିନ ମୁକ୍ତାପୁର ଠାରେ ପ୍ରଥମ ପଲ୍ଲୀ ସମ୍ମିଳନୀ କରି ଶୈକ୍ଷିକ ସଂଗଠନ ପ୍ରତି ଧ୍ୟାନ ଦେଲେ ଆପନ୍ନା ପରିଚ୍ଛା ଏବଂ ନିଜ ଅଞ୍ଚଳରୁ ଛାତ୍ରମାନଙ୍କୁ ଶିକ୍ଷାଲାଭ ନିମନ୍ତେ ସତ୍ୟବାଦୀ ବନ ବିଦ୍ୟାଳୟକୁ ପ୍ରେରଣ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ପା

ସୌନ୍ଦର୍ଯ୍ୟବୋଧ ହିଁ ପ୍ରେମ

ଜୟଶ୍ରୀ ପଟ୍ଟନାୟକ

ପୃଥିବୀର ପ୍ରତ୍ୟେକ ଜିନିଷରେ ସୌନ୍ଦର୍ଯ୍ୟ ଭରି ରହିଛି । ନଦୀ, ନାଳ, ପାହାଡ, ଝରଣା, ପ୍ରକୃତି ସବୁଠି ଭରି ରହିଛି ସୌନ୍ଦର୍ଯ୍ୟ । ପ୍ରେମ ହେଉଛି ଶାଶ୍ୱତ ଚିର'ନ, ସ୍ୱର୍ଗୀୟ ଭାବନାରେ ପରିପୃଷ୍ଟ । ଯେଉଁଠି ସତ୍ୟ ସେଇଠି ଶିବ ଯେଉଁଠି ଶିବ ସେଇଠି ଥାଏ ସୁନ୍ଦର । ସୁତରାଂ ସତ୍ୟ ଶିବ ସୁନ୍ଦରର ମିଳନ ହୋଇଥାଏ ପ୍ରେମରେ । ପ୍ରେମ ବିନା ଜୀବନ ରସହୀନ ଲାଗେ । ମନ ନୈରାଶ୍ୟରେ ଭରିଯାଏ । ସମୟରେ ଥାଏ କ୍ଲାନ୍ତିର ଅନୁଭବ । ପ୍ରେମ ମଣିଷକୁ କରିଦିଏ ଅନ୍ଧ । ପ୍ରେମରେ ପଡିଲେ ଭୋକ ହଜେ, ନିଦ ହଜେ ଗୋଟିଏ ଭାବନାର ଭଉଁରୀ ଭିତରେ ମନ ଅହରହ ଘୁରୁଥାଏ । ମନ ମୁକୁଳି ପାରେନାହିଁ ବୋଲି ବନ୍ଧା ପଡିଥାଏ ହୃଦୟ ଅନ୍ୟର ହୃଦୟ ପାଖରେ । ବାସ୍ତବରେ ପ୍ରେମ କରିଥିବା ମଣିଷକୁ ପଚାର ପ୍ରେମ କଣ ?ଜୀବନ ବଂଚୁଥିବା ଲୋକକୁ ପଚାର ଜୀବନ କଣ ? ପ୍ରେମ ଓ ଜୀବନ ଦୁଇଟି ଅଲଗା ଜିନିଷ । ଜଣେ ଅନ୍ୟ ଜଣକୁ ଆକର୍ଷି ପାରିଲେ ହୋଇଯାଏ ପ୍ରେମ । ହେଲେ ଜୀବନ ବଂଚିବାର କଥା କହେ । ଯୋଉଠି ବଂଚିବା ପାଇଁ ସୁନ୍ଦର ରାସ୍ତାଟିଏ ଅଛି ସେଠି ପ୍ରେମ ସୌନ୍ଦର୍ଯ୍ୟରେ ପରିଣତ ହୋଇଛି । ପ୍ରେମର ଉପଲବ୍ଧି ହୁଏ ସୌନ୍ଦର୍ଯ୍ୟବୋଧରେ । ପ୍ରେମିକ ଭିତରେ ଥାଏ ସୌନ୍ଦର୍ଯ୍ୟ ପ୍ରତି ତୀବ୍ର ଆକର୍ଷଣ , ଗଭୀର ଅନୁରାଗ । ସୁନ୍ଦର ସ୍ୱପ୍ନର ଚିତ୍ରଶାଳା ହିଁ ପ୍ରେମ । ଯାବତୀୟ ଯନ୍ତ୍ରଣା ଭିତରେ ଯିଏ ଅନ୍ୟଠାରୁ ପ୍ରତାରିତ ହୋଇନାହିଁ ସେଇଠି ପ୍ରେମର ରଙ୍ଗ ଧ୍ରୁବତାରା ପରି ଝିଜଲ୍ୟତା ଦେଖାଏ । ପ୍ରତ୍ୟେକ ମଣିଷ ଜୀବନରେ ପ୍ରେମ ଆସେ । କେହି ନା କେହି କାହାକୁ ନା କାହାକୁ ମନ ଦେଇ ତା ଉପରେ ଭରସା ରଖି ଜୀବନର ହଳାହଳ ବିଷକୁ ପାନ କରି ନୀଳକଣ୍ଠ ସାଜେ । ପ୍ରେମ ତା ପାଇଁ ହୁଏ ପ୍ରାଣଶକ୍ତି । ହେଲେ ଯେତେବେଳେ ସେ ଭଲ ପାଉଥିବା ମଣିଷଟି ତାକୁ ପ୍ରତାରିତ କରେ ଜୀବନରେ ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ ବୋଧହୁଏ । କହି ହୁଏନି କି ସହି ହୁଏନି ମରମର ବ୍ୟଥା । ପ୍ରତାରିତ ମଣିଷଟି ବିରହରେ ସମୟ କାଟିଦିଏ ହେଲେ କହିପାରେନି ମନର କଥା କାହା ଆଗରେ । ନନ୍ଦକିଶୋରଙ୍କ ଭାଷାରେ ପ୍ରୀତି ନ ଜାଣଇ ଜାତି ସଜନୀଲୋ, ପ୍ରୀତି ନ ଜାଣଇ ପଦ, ଦେଶ କାଳ ପାତ୍ର ବିଚାର ନ ରହେ, ପିଇଦେଲେ ପ୍ରୀତି ମଦ । ପ୍ରେମରେ ପଡିଲେ ମଣିଷ ଚିହ୍ନେନା ସମୟକୁ, ବୟସକୁ , ବ୍ୟତିକ୍ରମ ଘଟେ ପାଠପଢ଼ାରେ , ରୀତି ନୀତି ସବୁ ହୋଇଯାଏ ଅଣଦେଖା । ପ୍ରେମୀ ମଣିଷଟି ପାଖରେ ଥିଲେ ଲାଗେ ତାକୁ ସ୍ୱର୍ଗସୁଖ ମିଳିଛି । ଅମଡାବାଟ ଚାଲିପାରୁଛି ସ୍ୱଚ୍ଛନ୍ଦରେ । ସମୟକୁ ହାତମୁଠାରେ ଧରି ରଖିଛି । ମିଳନ ମୁହୂର୍ତମାନଙ୍କରେ ଅମୃତର ପ୍ରଲେପ ଭରିଛି । ଓଠରେ ହସର ମୁକୁତା ଝରୁଛି ।

ପ୍ରେମରେ ଥାଏ ତ୍ୟାଗ । ସୌନ୍ଦର୍ଯ୍ୟ ସହିତ ତ୍ୟାଗ ନଥିଲେ ପ୍ରେମ ତିଷ୍ଠି ପାରେନାହିଁ । ମଣିଷ ପ୍ରେମ କରି ଯେତିକି ସୁଖ ପାଏ ତାଠାରୁ ଦୁଇଗୁଣ ଦୁଃଖ ବଢ଼ିଯାଏ ତାର ଯେତେବେଳେ ପ୍ରେମୀ ମଣିଷଟି ହାତରୁ ହାତ ଛାଡି ଦୂରେଇ ଯାଏ । ପ୍ରତାରଣା କରିଥିବା ମଣିଷଠାରୁ ପ୍ରତାରିତ ହୋଇଥିବା ମଣିଷଟି ବଂଚିବା ଅପେକ୍ଷା ମୃତ୍ୟୁକୁ ଶ୍ରେୟ ମଣେ । ବିଚ୍ଛେଦର ଦୁଃଖ ସହି ନ ପରି ଆତ୍ମହତ୍ୟା ପରି ଏକ ଚରମ ପଦକ୍ଷେପକୁ ଆପଣାଏ । ଯାହା ଆଜିକାଲିର ଯୁବଗୋଷ୍ଠୀ ଭିତରେ ଦେଖାଯାଉଛି । ସେ ଭୁଲିଯାଏ ସଂସାରର ସବୁ ସମ୍ପର୍କକୁ । ଭୁଲିଯାଏ କିଏ ତାକୁ ଜନ୍ମ ଦେଇଥିଲା କିଏ ବଡ କରିଥିଲା । ତା ଆଖି ଆଗରେ ପ୍ରେମ ହିଁ ଲାଗେ ଦୁନିଆରେ ସବୁଠାରୁ ବଡ । ତେଣୁ ପ୍ରେମ ରମଣରେ ଯେତିକି ସୁନ୍ଦର ମରଣରେ ବି ସେତିକି ନିଜର । ବସ' ଋତୁ ନ ଥିଲେ କୋଇଲି କଣ ଏତେ ସୁନ୍ଦର ସ୍ୱର ତୋଳ'। ? ସୂର୍ଯ୍ୟକୁ ଦେଖି ସୂର୍ଯ୍ୟମୁଖୀ ହସ'। ନା ଚାନ୍ଦକୁ ଦେଖି କଇଁ ଝୁରିହୁଅ'। ? ବହୁ ପ୍ରତିକ୍ଷିତ ମୁହୂର୍ତରେ ପ୍ରେମିକାଟିଏ ପ୍ରେମିକର ହାତରୁ ସିନ୍ଦୂର ଟୋପେ ପିନ୍ଧି ସାରା ଜୀବନ ପ୍ରେମର ଜୟଗାନ କର'। ? କୁହ'ୁ ତ । ପ୍ରେମ ସବୁ କାଳେ ସବୁ ସମୟରେ ଥିଲା, ଅଛି ଓ ଥିବ ମଧ୍ୟ । ପ୍ରେମ ମଣିଷକୁ ମରଣମୁଖରୁ ଟାଣିଆଣେ, ଦୁଃସାଧ୍ୟ ରୋଗରୁ ଭଲକରେ । ଜୀବନ ଜିଇଁବାର ମନ୍ତ୍ର ଶିଖାଏ । ବାସ ପ୍ରେମକୁ ବୁଝିଲେ ହେଲା । ଯେଉଁଠି ସତ୍ୟ ଶିବ ସୁନ୍ଦରର ମିଳନ ଘଟିଛି ସେଇଠି ପ୍ରେମ ବଂଚିରହିଛି କାଳରୁ କାଳ ।

ପ୍ରେମ ମନର ଏକ ମାନସିକ ଅବସ୍ଥା, ମନର ଆବେଗ, ଓଠର ଭାଷା, କଲମର ସୃଜନଧାରା, ହୃଦୟର ଆକର୍ଷଣ । ପ୍ରେମରେ ପଡିଲେ ମଣିଷ ପାଲଟିଯାଏ କବି ଓ ଲେଖକ । ଓଠ ଗୁଣୁଗୁଣାଏ ସଙ୍ଗୀତ । ଚିତ ପ୍ରଫୁଲିତ ରହେ । ଦିନେ ସେହି ସୃଜନ ହିଁ ତାକୁ ଯନ୍ତ୍ରଣାରୁ ବଂଚାଏ । ଦୁଃଖକୁ ଭୁଲାଇଦିଏ । ଛଳନାକୁ ଉଦରସ୍ଥ କରାଏ । ଯେଉଁଠି ପ୍ରେମ ନାହିଁ ସେଠି ସଜ ଗୋଲାପ ବି ଲାଗେ ଝାଉଁଳାଫୁଲ ପରି, ଫଗୁଣର ସାତରଙ୍ଗ ପଡିଯାଏ ଫିକା । ଖରାଦିନର ଦିପହର ଖରାର ଝାଁ ପରି ଦୁଃଖର ଝାଁ ପିଟେ ମନ ଗହନରେ । ନା ସହି ହୁଏ ନା ବଂଚିହୁଏ । ଆକ୍ତା ମାକ୍ତା କରିଦିଏ ଜୀବନ । କୌଣସି କାମ କରିବାପାଇଁ ମନ ବଳାଏନାହିଁ । ଯେଉଁଠି ପ୍ରେମ ଶାରୀରିକ ଓ ପାର୍ଥିବ ଲାଳସାରେ ଲାଳାୟିତ ସେଠି ନ ଥାଏ ସୌନ୍ଦର୍ଯ୍ୟବୋଧ । ସେଠି ଥାଏ ଭୋଗ ବିଳାସ ଓ କାମନା । କାମନା ଚରିତାର୍ଥ ହୋଇଗଲେ ପଡିଯାଏ ପ୍ରେମ ନାଟକରେ ଯବନିକା । ଆଉ ବଇଁଶୀ ବାଜେନା କି ଯମୁନା ବି ଉଛୁଳେନା । ପ୍ରେମ ପ୍ରତି ଅନୁରାଗ ଓ ମମତ୍ୱବୋଧ ରହିବା ଦରକାର । ନହେଲେ ଛାଇ ଆଲୁଅର ଲୁଚକାଳି ଖେଳରେ ସମୟ ନଷ୍ଟ ଓ ଜୀବନ ବ୍ୟର୍ଥ । ପ୍ରଥମ ପ୍ରେମରେ ଯେପରି ମନ୍ଦ ମଳୟ ବହୁଥିଲା ସେହି ପରି ଯେତେ ପୁରୁଣା ହେଲେ ବି ମନରେ ବିଶ୍ୱାସ ଉଭୟଙ୍କ ପ୍ରତି ଉଭୟଙ୍କର ରହିବା ଦରକାର । ମନରେ ବିଶ୍ୱାସ ରହିଲେ ଯେତେ ପୁରୁଣା ହେଲେ ବି ଜୀବନରେ ବହୁଥାଏ ବସ'ର ମଳୟ ପବନ । ଫଗୁଣରେ ସାତରଙ୍ଗର ଅବିର ଫିକା ପଡିଯାଏ ହେଲେ ଟିକିଏ ବିଶ୍ୱାସରେ ପ୍ରେମ କାଳ କାଳକୁ ଜିଇଁଥାଏ । ରାତି ସରେ । ନିଦ ଭାଙ୍ଗେ । ସମୟର ନଈ ବହିଚାଲେ ପ୍ରେମ ସରେନାହିଁ କି ମନ ମରେନାହିଁ । ସେଥିପାଇଁ କୁହାଯାଇଛି ପ୍ରେମର ବୟସ ନାହିଁ ମନର ଆୟୁଷ ନାହିଁ । ବସ' ଆସିଲେ ଫୁଲ ସୁବାସରେ ଭରିଯାଏ କାନନ । କୋଇଲି ଗାଏ ଗୀତ । ବଉଳ ବଉଳାଏ ଆମ୍ବ । ପ୍ରକୃତିରାଣୀ ସଜେଇ ହୁଏ । ସଜେଇ ହୁଏ ପ୍ରେମିକ ମନ । ଦୁଇ ହୃଦୟର ମିଳନରେ ସୃଷ୍ଟି ହୁଏ ପ୍ରେମ । ମଧୁମୟ ହୁଏ ସମ୍ପର୍କ । ପ୍ରେମର ଋତୁ ଆସେ । ଆନମନା ହୁଏ ମନ । ଯେଉଁ ପ୍ରେମରେ ପବିତ୍ରତା ଥାଏ ତାହା ଶୃଙ୍ଖଳିତ କରେ ଜୀବନ । ଯେଉଁ ପ୍ରେମରେ ପ୍ରେମ ବଦଳରେ ଶରୀରର ଆକର୍ଷଣ ଥାଏ ତାହା ବିଶୃଙ୍ଖଳାକୁ ସ୍ଥାନ ଦିଏ । ସେଇଠି ତିଷ୍ଠି ପାରେନା ପ୍ରେମ । ଶୃଙ୍ଖଳିତ ପ୍ରେମ ଅତର ପରି ମହ ମହ ବାସୁଥାଏ । ମନ ତଳେ ଗଢ଼ିଦିଏ ଶଦ୍ଦର କୋଣାରକ ଆଉ ସ୍ୱପ୍ନର ତାଜମହଲ ।

ଭୁବନେଶ୍ୱର,
୭୯୭୮୧୧୦୪୭୪

ଆଜିର କବିତା

କୁହୁଡ଼ି

ବିଜୟଲକ୍ଷ୍ମୀ ପାଣିଗ୍ରାହି

କୁହୁଡି... ତୁମେ
ଜୀବନକୁ ଦେଲ ମୋ ଉଜାଡ଼ି ।

ହଜିଲାଣି ସୁଖଶିରୀ
ଜୀବନ ହେଲାଣି ଭାରି
ଛଳନାର ନିଆଁ ଜାଳି
ନିଇତି ଦେଉଛ ମାରି
ମୃଦୁ ମଳୟେ ବି ଏଠି
ବଉଳ ଯାଉଛି ଝଡି...
କୁହୁଡି...ତୁମେ.....।୧।

ଝାମ୍ପା ଝାମ୍ପା ସ୍ନେହ ପ୍ରେମ
ସାତପର ସେବା ଧର୍ମ
ବେସୁରା ଲାଗୁଛି ମିଠା
ହୃଦୟର କଥାମାନ
ବେପଥରେ ପାଦ ପଡି
ଯାଉଛି ଆଗକୁ ମାଡି
କୁହୁଡି....।୨।

ଉଠିଲେ ନୂତନ ରବି
ନ ରହିବ ତୁମ ଛବି
ଜିଇଁବା ଶିଖିବି ଯେବେ
ହେବ ତୁମେ ପରାଭବୀ
ବଉଳ ତନୁ ମୋହର
ମହକିବ ମୁର୍ଖା ଛାଡି
କୁହୁଡି...।୩।

ଜୟପୁର, କୋରାପୁଟ
ମୋ - ୮୨୪୯୪୫୦୦୫୦

ଲକ୍ଷ୍ୟ

ବର୍ଷାରାଣୀ ମହାମଲ୍ଲିକ

ତୁମେ ସ୍ୱପ୍ନ ରେ ମୋ ଆସ
ଘନ ଶର୍ବରୀ ର ଛାଇ ନିଦ ରେ
ଆଙ୍କି ଦେଇଯାଅ ସହସ୍ର ପ୍ରତ୍ୟାଶା
ମୋର ନିଦୁଆ ନିଶା ଆଖିରେ।।

ଅବଚେତନ ମସ୍ତିଷ୍କ କୁ କର ସଜାଗ
ଲକ୍ଷ୍ୟ ର ସଚେତନତା ବଜେଇ ଦେଇ,
ସବୁ ନିଦ, ଅଳସ ଉଭେଇ ଯାଏ
ଯେବେ ମନ ରେ ମୋର ହୁଅ ଚହଲେଇ ।

ମୁଁ କିନ୍ତୁ ଦିନେ ନା ଦିନେ କେବେ ହେଲେ ତ
ପ୍ରାପ୍ତି କରିବି ତୁମକୁ, ଇଚ୍ଛା ଅଛି ଅକାଂକ୍ଷା ଅଛି
ତେଣୁ ଉପହାର ସ୍ୱରୂପ ଦରକାର ଅଛି ତୁମର
ନିଷ୍ଠା,ପରାକାଷ୍ଠା ପରିଶ୍ରମ, ଧୈର୍ଯ୍ୟ ଏ ସବୁକିଛି ।

ଜାଣେ ସହଜ ରେ ତୁମେ ଧରା ଦିଅନା ଜମା
ବେଳେବେଳେ ତୁମ ସହ ଭାଗ୍ୟ ବି ଯୋଡ଼ି ହୋଇଯାଏ
ମୁଁ କିନ୍ତୁ ଭାଗ୍ୟ ନୁହେ, ବାରମ୍ବାର ପରିଶ୍ରମ କରିବି
ତୁମେ ମୋ ହାତରେ ଧରା ନ ଦେବାଯାଏ ।

ଭୁଲିଯିବି ସୁଖ ଶାନ୍ତି, ତ୍ୟାଜିବି ଆରାମ ର ଶେଯ
ପଡିଯିବି ତୁମ ପ୍ରୀତି ରେ, ଚାଲିଥିବି ତୁମ ପଛରେ,
ତୁମକୁ ନ ପାଇବା ଯାଏ ଭୋକଶୋଷ କାହିଁ ?
ଚାଲିଥିବି ଯେତେ ବିଘ୍ନ କଣ୍ଟା ଆସୁ ପଥରେ ।

ତୁମେ ଆସିଲେ ହିଁ ତୁମକୁ ଭଲ ପାଇବାର
ଶ୍ରମ ମୋର ସତ ରେ ସାର୍ଥକ ହେବ,
ଅପେକ୍ଷା କରିଛି ଚାତକ ପରି ତୁମକୁ ଗୋ ଲକ୍ଷ୍ୟ
ହେଲେ ତା ଆଗରୁ ମତେ ବହୁତ କିଛି କରିବାକୁ ହେବା।।

+ ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଫୋନ:-୮୨୬୦୬୫୯୩୩୨

ଆଚାର୍ଯ୍ୟ ହରିହର ଦାସ

ଡ଼ଃ.ଅରୁନ୍ଧତୀ ଦେବୀ

ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହର ଦାସ ଅନ୍ୟତମ । ଗାଁର ଭର୍ଣ୍ଣାକୁଲାର ସ୍କୁଲରେ ସେ ଶିକ୍ଷା ଲାଭ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ଅସାଧାରଣ ସ୍ମରଣଶକ୍ତି ଥିଲା । ପୁରୀ ଜିଲ୍ଲା ସ୍କୁଲରେ ଇଂରାଜୀ ପଢ଼ିବା ସମୟରେ ଉତ୍କଳମଣିଙ୍କୁ ଗୁରୁ ଆସନରେ ବସାଇଥିଲେ । ବାଲ୍ୟ କାଳରୁ ସେବା ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । କୃତିତ୍ୱର ସହ ମାଟ୍ରିକ ପାସ କରି କଟକ ରେଭେନ୍ସା କଲେଜରେ ଏଫ୍.ଏ. ପଢ଼ିଲେ । ସେତେବେଳେ ସେ ମାସିକ ବୃତ୍ତି ପାଉଥିଲେ । ଏହି ସମୟରେ ଦେଶକୁ ସ୍ୱାଧୀନ କରିବା ପାଇଁ ଗୋପବନ୍ଧୁଙ୍କ ସହ ସଂକଳ୍ପବଦ୍ଧ ହେଲେ । ଏଫ.ଏ. ପରେ ଆଉ ପଢ଼ିବାକୁ ଚାହିଁ ନଥିଲେ । ତେବେ ଓକିଲାତି ଶେଷ କରିବା ସତ୍ତ୍ୱେ ଜଣେ ଆଦର୍ଶ ଶିକ୍ଷକ ଭାବେ ଜୀବିକା ନିର୍ବାହ କରିବାକୁ ସ୍ଥିର କଲେ । ଇଂରେଜମାନେ ଦେଶର ଯୁବପିଢ଼ିଙ୍କୁ ଗୋଲାମ କରି ପଙ୍ଗୁ କରି ଦେଉଛନ୍ତି, ଏହାର ପ୍ରତିବାଦ ଲାଗି ହରିହର କାର୍ଯ୍ୟପନ୍ଥା ନିର୍ଣ୍ଣୟରେ ବ୍ୟସ୍ତ ରହିଲେ । ୧୯୧୨ରେ ସେ ସତ୍ୟବାଦୀରେ ଯୋଗ ଦେବାପରେ ବିଦ୍ୟାଳୟର ଦ୍ରୁତ ଉନ୍ନତି ହେଲା । ଇଂରାଜୀ ଶିକ୍ଷାକୁ ସହଜ, ସରଳ ଓ ବୋଧଗମ୍ୟ କରିବା ପାଇଁ ସେ ଚାଇଲ୍ଡସ ଇଜି ଫାଷ୍ଟ ଗ୍ରାମାର ରଚନା କରିଥିଲେ । ପୁରୀରେ ହଇଜା ସମୟରେ ହରିହର ନିଷ୍ଠା ଓ ଆନ୍ତରିକତାର ସହ ଲୋକଙ୍କ ସେବା କରୁଥିଲେ । ସାଧନା ବଳରେ ହରିହର 'ଆଚାର୍ଯ୍ୟ' ପଦବୀରେ ଭୂଷିତ ହୋଇଥିଲେ । ସମାଜ ପତ୍ରିକା ପ୍ରକାଶନରେ ତାଙ୍କ ଅବଦାନ ରହିଛି । ପୁରୀରେ ସେ ବିଧବାଶ୍ରମ ପ୍ରତିଷ୍ଠା କରିଥିଲେ । ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ,

ଗାନ୍ଧୀଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଯୋଗ ଦେଇ ହରିହର ବାରମ୍ବାର କାରାବରଣ କରିଥିଲେ । ସ୍ୱାଧୀନତା ପରେ ଦେଶ ଗଠନ ଦିଗରେ ବ୍ରତୀ ହୋଇଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ସେ ସର୍ବୋଦୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୬୯ ଶେଷ ବେଳକୁ କିନ୍ତୁ ଅସୁସ୍ଥ ହୋଇପଡ଼ିଲେ । ୧୯୭୧ ଫେବୃଆରୀ ୨୧ରେ ହରିହର ଶେଷ ନିଶ୍ୱାସ ତ୍ୟାଗ କଲେ । ପଞ୍ଚସଖାଙ୍କ ମଧ୍ୟରେ ସେ ଥିଲେ ଶେଷ ସଖା । ତାଙ୍କ ମୃତ୍ୟୁରେ ଗୋଟିଏ ଯୁଗର ଅବସାନ ଘଟିଲା । ଦେଶ ଓ ଜାତି ପାଇଁ ତାଙ୍କ ତ୍ୟାଗ ଯୁଗ ଯୁଗ ଧରି ପ୍ରେରଣା ଦେଉଥିବ, ଏଥିରେ ସନ୍ଦେହ ନାହିଁ । ୧୮୭୯ ଫେବୃଆରୀ ଆଜିର ଦିନ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟବର୍ତ୍ତୀ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ହରିହର ଜନ୍ମଗ୍ରହଣ କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନୟ, କଟକ,
(ମୋ) ୯୯୩୭୧୭୨୮୧୦

ଉତ୍ତର ଦିଅ ଈଶ୍ୱର

ଶ୍ୱେତା ରାଉତ୍

ଜୀବନ ଗୋଟେ କାହାଣୀ।ଏମିତି ଏକ କାହାଣୀ ଗୋଟେ ଛୋଟ ପିଲାର ଯାହା ମନରେ ହଜାର ପ୍ରଶ୍ନ ନେଇ ଈଶ୍ୱରଙ୍କୁ ମାଗୁଛି ଉତ୍ତର। ଈଶ୍ୱର କଣ ସତରେ ତାକୁ ଉତ୍ତର ଦେବେ ?

ପ୍ରିୟ ଈଶ୍ୱର,

ଅନେକ ଦିନ ହେବ ମୁଁ ନୀରବରେ କାନ୍ଦିଲି।ମୋ ଲୁହ ପୋଛୁଥିବା ହାତ ଗୁଡାକ ମୋତେ ଭୟଙ୍କର ଲାଗୁଥିଲା।ପିଠି ଥାପୁଡେଇ ସାନ୍ତ୍ୱନା ଦେବା ଆଳରେ ମାଂସ ଉତ୍ତାରି ନେଉଥିଲେ ମୋର ସଂପର୍କୀୟମାନେ।ଘର ଢ଼ିଙ୍କି କୁମ୍ଭୀର ହେଲେ କାହାକୁ କହିଥାନ୍ତି। ନୀରବରେ କାନ୍ଦିବା ଛଡ଼ା ଉପାୟ ନଥିଲା।ଏବେ ମୁଁ ସପ୍ତମରେ ପଢୁଛି ହେଲେ ସ୍କୁଲ୍ ଯାଉନାହିଁ।ବାପା ଥିଲେ ସ୍କୁଲ ନେଉଥିଲେ,ଏବେ ବାପାଙ୍କୁ ତ ତୁମେ ଡାକିନେଲ ଈଶ୍ୱର।ଜେଜେମା କେତେ ନେହୁରା ହୋଇ ବାପାଙ୍କୁ କହୁଥିଲା'ପୁଅରେ ତୁ ଚାକିରୀକୁ ଯାଆ ଯେ ମୋ ବୋହୂ ଆଉ ନାତି ନାତୁଣୀଙ୍କୁ ଏଇଠି ଛାଡ଼ି ଦେଇ ଯା।ମତେ ବି ଭଲ ଲାଗିବ ଆଉ ପିଲାମାନେ ଖେଳ କୁଦ କରି ଏଠି ଖୁସିରେ ରହିବେ।ସହରରେ ଗୋଟେ ଘରେ ପଶି ପଶି ପିଲାମାନେ ବିରକ୍ତ ହୋଇଯିବେ।'

ଜେଜେମା ପାଟିରୁ କଥା ନସରୁଣୁ ମାଆ ଖୁବ୍ ଜୋର୍ ରେ ଚିଲେଇବାକୁ ଲାଗିଲା'ମୁଁ କଣ ଏଠି ଖଟି ଖଟି ମରିବାକୁ ରହିବି ?ରାତି ସାରା ଖେଁ ଖେଁ ହେଉଛ ଯେ ମଣିଷ ଶାନ୍ତିରେ ଟିକେ ଶୋଇ ପାରୁନି।ତମେ ଏଠି ବଞ୍ଚ କି ମର, ମୁଁ ୟାଙ୍କ ସହିତ ଚାକିରୀକୁ ଯିବି' ।ଛୋଟ ଥିଲୁ ଆମେ, ମାଆ ଆମକୁ ନେଇ ବାପାଙ୍କ ସହିତ ଚାଲି ଆସିଲା।କିଛି ଦିନ ଆମେ ଭଲରେ ଥିଲୁ।ବାପା ଅଫିସ ଯାଆନ୍ତି,ମାଆ ଆମର ଯତ୍ନ ନିଅନ୍ତି।ହେଲେ ଯେବେଠୁ ପଡିଶା ଘରେ ଜଣେ ଅଙ୍କଲ ଭଡ଼ାରେ ରହିଲେ,ଆମ ଘରକୁ ଯିବା ଆସିବା କଲେ,ମାଆ ଆଗଭଳି ଆଉ ଆମକୁ ଭଲ ପାଇଲାନି।ସବୁବେଳେ ଚିଡିଚିଡି ହେଲା।ଅଙ୍କଲଙ୍କ ସହିତ ଖୁବ୍ ଖୁସିରେ ସମୟ କାଟୁଥିଲା।ଦିନେ ଖରାବେଳେ ବାପା ଅଫିସରୁ ଆସି ଆରାମ କରୁଥିଲେ,ଆମେ ଭାଇ ଭଉଣୀ ବାହାରେ ଖେଳୁଥିଲୁ,ହଠାତ୍ ଜୋର୍ ରେ ଚିତ୍କାର ଶୁଭିଲା ଆମ ଘର ଭିତରୁ। ମୁଁ ଦୌଡ଼ି ଯାଇ ଦେଖେ ତ ମାଆ ଆଉ ଅଙ୍କଲ ମିଶି ବାପାଙ୍କୁ ପିଟିବାକୁ ଲାଗିଛନ୍ତି।ଅଙ୍କଲ ଗୋଟେ ଲୁହା ରଡ୍ ଧରି ବାପାଙ୍କ ମୁଣ୍ଡରେ ପିଟିଦେଲେ, ଧାର ଧାର ରକ୍ତ ବହି ଯାଉଥାଏ,ମୁଁ ବାପାଙ୍କ ପାଖକୁ ଧାଇଁ ଗଲାବେଳକୁ ମୋତେ ମାଆ ଧକା ଦେଇ ଛାଟିଦେଲା ଓ ବଡ ବଡ ଆଖି କରି ମୋତେ ପିଟିବାକୁ ଆସିବା ବେଳେ ମୁଁ ଭୟରେ ଦୌଡ଼ିଲି ପାଖ ପଡୋଶୀ ମାଉସୀଙ୍କ ଘରକୁ। ମାଆ ମତେ ଦେଖି ପାରିଲାନି,ସେଦିନ ରାତିଟା ସେଇ ମାଉସୀଙ୍କ ଘରେ ରହିଲି।ପରଦିନ ସକାଳୁ ଶୁଣିଲି ମୋ ମାଆ ଆଉ ଅଙ୍କଲଙ୍କୁ ପୋଲିସ ନେଇ ଯାଇଛି।ବାପା ସବୁଦିନ ପାଇଁ ଆମକୁ ଛାଡ଼ି ଚାଲି ଯାଇଛନ୍ତି।ଘର ଆଡ଼କୁ ଧାଇଁ ଦେଖିଲି ବହୁତ ଲୋକ ଭିଡ଼ ହୋଇଛନ୍ତି,ମୋ ସାନଭାଇ ସିବୁନ ମୁକ ଭଳି ପାହାଚ ଉପରେ ବସିଛି।ତାକୁ ଜାବୁଡ଼ି ଧରି ଖୁବ୍ କାନ୍ଦିଲି ଓ ସାଙ୍ଗରେ ନେଇ ସେହି ମାଉସୀଙ୍କ ଘରକୁ

ସମ୍ପର୍କର ରଙ୍ଗ

ଆସିଲି।ପଡିଶା ଘରେ ଆମକୁ କିଏ ବା ଏତେଦିନ ରଖିବ,ଆମ ଉପରେ ସେମାନେ ଚିଡି ଚିଡି ହେଲେ।ସେ ମଉସା ମତେ ସ୍ନେହ କରିବା ଆଳରେ ଖରାପ ବ୍ୟବହାର କରୁଥିଲେ।ସିବୁନକୁ ନେଇ ଭାବିଲି ଗାଁକୁ ଜେଜେମା ପାଖକୁ ଚାଲିଯିବି।ଗାଁକୁ ଆସି ଦେଖିଲି ତୁମେ ମୋ ଜେଜେ ମାଆକୁ ବି ମାସେ ତଳେ ନେଇ ଯାଇଛ।ଏକଥା ବାପା,ମା ଆମକୁ କହି ନଥିଲେ।

ତୁମେ ତ ଈଶ୍ୱର।ସମସ୍ତଙ୍କ ଦୁଃଖ ବୁଝିପାର।ତୁମେ ସବୁ ଦେଖୁଛ। ମୁଁ ତୁମର କିଛି କ୍ଷତି କରିଛି କି କୁହ ?ଏବେ ଏ କୁନି ଭାଇକୁ ନେଇ କେମିତି ରହିବି, କୁଆଡେ ଯିବି ?ତୁମେ ଯଦି ଠିକଣା ଦେବ,ଭାବୁଛି ତୁମ ପାଖକୁ ଚାଲିଯିବି।ରହୁଛି।

ଇତି
ଅଭାଗିନୀ ସଙ୍ଗୀତା

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ପୁଲୱାମା ସହିଦ ଯବାନଙ୍କ ଶ୍ରଦ୍ଧାଞ୍ଜଳିରେ ରକ୍ତଦାନ ଶିବିର

କନ୍ଧମାଳ, ୧୫ ।୨(ନି.ପ୍ର): ଫେବୃଆରୀ ୧୪ ତାରିଖ ଭାଲେଣ୍ଟାଇନ୍ ଡେ କୁ ନିଆରା ଢଙ୍ଗରେ ପାଳନ କରିଛି ଟିମ୍ ହ୍ୟୁମାନିଟି କନ୍ଧମାଳ । ଏହି ଦିବସକୁ ଦେଶ ପ୍ରେମ ଓ ସହୀଦ ଶ୍ରଦ୍ଧାଞ୍ଜଳି ଦିବସ ଭାବରେ ପାଳନ କରାଯାଇଛି ସଂଗଠନ ପକ୍ଷରୁ। ଆଜିର ଦିନ ଜମ୍ମୁ ଓ କାଶ୍ମୀର ପୁଲୱାମା ଠାରେ ଆତଙ୍କବାଦୀଙ୍କର ଆତ୍ମଘାତି ବିସ୍ଫୋରଣ ରେ ସହିଦ ୪୦ ଜଣ ସିଆରପିଏଫ୍ ଯବାନଙ୍କର ଅମର ଆତ୍ମା ର ସଦଗତି ଏବଂ ଦେଶ ପାଇଁ ଦେଇଥିବା ସର୍ବୋଚ୍ଚ ବଳିଦାନ କୁ ସମ୍ମାନ ଜଣେବା ସହିତ ସହୀଦ ମାନଙ୍କ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ଟିମ ହ୍ୟୁମାନିଟି କନ୍ଧମାଳ ତରଫରୁ । ଏହି ଅବସରରେ ସ୍ଥାନୀୟ ରକ୍ତଭଣ୍ଡାର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଆଜି ସକାଳ ୮ ସମୟରେ ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ଭି.ଲୋକନାଥ ରାଜୁ ଙ୍କ ନେତୃତ୍ୱରେ ଫୁଲବାଣୀ ମାଦିକୁନ୍ଦା ଛକ ଠାରେ ଟିମର ସଦସ୍ୟ ଓ ସଦସ୍ୟା ମାନେ ଏକତ୍ରିତ ହୋଇ ଥିଲେ। ସେଠାରୁ ପୁଲୱାମା ସହିଦ ଯବାନ ଙ୍କ ତୈଳ ଚିତ୍ର ଥିବା ଏକ ବ୍ୟାନର ନେଇ ଟିମ ର ସଦସ୍ୟ ଓ ସଦସ୍ୟା ମାନେ ସହୀଦ ଯବାନ ଅମର ରହେ ଓ ଜୟ ଯବାନ ନାରା ଦେଇ ଏକ ଶୋଭା ଯାତ୍ରାରେ ସ୍ଥାନୀୟ ରକ୍ତ ଭଣ୍ଡାର ରେ ପହଂଚିଥିଲେ। ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଫୁଲବାଣୀ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ର ଉଦଘାଟନ କରିବା ସହ ନିଜେ ରକ୍ତ ଦାନ କରିଥିଲେ। ଶିବିରରେ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ, ଏଲଟି ଦିନକୃଷ୍ଣ ମହନ୍ତ, ସୁଜିତ କୁମାର ସାହୁ,ଲକ୍ଷ୍ମୀଧର ମଣ୍ଡଳ,ସାକେତ ରାଣୀ ନାଏକ,ସଞ୍ଜୁକ୍ତା ଦଳଛତ୍ର, ବରୁଣ ବେହେରା ଏବଂ ପ୍ରଶାନ୍ତ କୁମାର ରନ୍ନାଲୁ ପ୍ରମୁଖ ସମ୍ପାଦନ କରିଥିଲେ। ରକ୍ତଦାନ ଶିବିର ରେ ଫୁଲବାଣୀ ର ବରିଷ୍ଠ ରକ୍ତଦାତା ମହେନ୍ଦ୍ର ସୁବୁଦ୍ଧି, ବିରଜାମହୋନ ରଥ, ଡିଏମାରସି ଆଶିଷ କୁମାର ମହାନ୍ତି, ମା ବ୍ରାହ୍ମଣୀଦେବୀ ଆଳତି ବାହିନୀ, ଆକ୍ସିସ ବ୍ୟାଙ୍କ୍ ଷ୍ଟାଫ୍, ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ଜିଲ୍ଲା ଆପାତ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ସହକାରୀ ଜିଲ୍ଲାପାଳ ପ୍ରିୟଦର୍ଶିନୀ ସ୍ୱାଇଁ, ପୌର ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧୀକାରୀ ବଳଦେବ ବେହେରା, ମୁଖ୍ୟ ଚିକିତ୍ସାଳୟ ପିପି ସେଣ୍ଟର କର୍ମଚାରୀ ଫୁଲବାଣୀର ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଏବଂ ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷକରି କିଛି ମହିଳା ରକ୍ତଦାତା ଏବଂ ଟିମ ହ୍ୟୁମାନିଟି କନ୍ଧମାଳ ର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହିଥିଲେ । ଏହି ଅବସରରେ ଅନେକ ଯୁବକ ଯୁବତୀ ନିଜେ ରକ୍ତ ଦାନ କରିବା ସହ ଜନସାଧାରଣ ଙ୍କୁ ରକ୍ତଦାନ କରିବାପାଇଁ ଉତ୍ସାହିତ କରିଥିଲେ। ଏଥିରେ ଟିମ୍ ର ସମସ୍ତ ସଦସ୍ୟ ସଦସ୍ୟା ଏବଂ ରକ୍ତ ଭଣ୍ଡାର ର କାର୍ଯ୍ୟକର୍ତା ସମ୍ପୂର୍ଣ୍ଣ ସହଯୋଗ କରି ମୋଟ ୧୨୧ ୟୁନିଟ ରକ୍ତ ସଂଗ୍ରହ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରି ଶିବିର କୁ ସଫଳ କରାଇଥିଲେ।

ବିଜେପି ପକ୍ଷରୁ ପଞ୍ଚାୟତ ଅଫିସ ଘେରାଉ

କେନ୍ଦ୍ରାପଡ଼ା, ୧୫ ।୨(ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ନେତୃତ୍ୱଧିନ କେନ୍ଦ୍ରସରକାର ଓଡ଼ିଶାର ଗରିବ ଲୋକ ମାନଙ୍କ ପାଇଁ ପ୍ରାୟ ୨୯ ଲକ୍ଷ ଆବାସ ଯୋଗାଇଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ସ୍ଥାନୀୟ ପ୍ରଶାସନଙ୍କ ସହିତ ମିଳିମିଶି ଦଳୀୟ ଆଧାର ରେ ଅଯୋଗ୍ୟ ହିତାଧିକାରୀ ଙ୍କୁ ପକକା ଘର ତାଲିକା ଭୁକ୍ତ କରିଥିବା ବେଳ ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଗରିବ ଲୋକର ଦଳ ନାହିଁ, ଯାହା ମୁଣ୍ଡ ଉପରେ ଛପର ଅଛି ସେ ଗରିବ। ଅଥଚ ଏହାକୁ ରାଜ୍ୟ ସରକାର ଆଦୌ ଗୁରତ୍ୱ ନଦେଇ ମନମାନି କରି ହିତାଧିକାରୀ ଚୟନ ରେ ଘୋର ଅନିୟମିତତା ଅବଲମ୍ବନ କରିଛନ୍ତି, ଏଥି ନେଇ ରାଜ୍ୟ ବିଜେପି ପକ୍ଷରୁ ସମସ୍ତ ବ୍ଲକ ଘେରାଉ ସାରିଥିଲା ବେଳେ ମହାକାଳପଡ଼ା ବିଜେପି ଆଉ ଏକ ପାଦ ଆଗକୁ ଯାଇ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତି ନେଇଛି। ଏବଂ ଆଜି ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ମହାକାଳପଡ଼ା ବିଜେପି ନେତା ପ୍ରଫେସର ଭୁବନ ମୋହନ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସୁନିତ ପଂଚାୟତ ସମ୍ମୁଖରେ ବିଜେପି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଆଜି ଏକ ବିଶାଳ ପଟୁଆରରେ ନିର୍ବାଚନ ମଣ୍ଡଳୀ ନେତା ପ୍ରଫେସର ଭୁବନ ମୋହନ ଜେନାଙ୍କୁ ଜଗର ଜୋର ହାଟ ପଡିଆ କାଳୀ ମଣ୍ଡପ ଠାରୁ ପଂଚାୟତ ସଭାପତି ରାଜକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଶତାଧିକ କର୍ମୀ ପାଛୋଟି ନେଇଥିଲେ, ସଭାରେ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ ଉପରେ ପ୍ରବଳ ବର୍ଷିଥିଲେ ପ୍ରଫେସର ଭୁବନ ମୋହନ ଜେନା ଏବଂ ତୁରନ୍ତ ସାନି ତଦନ୍ତ କରି ବାସ ହୀନ ଲୋକମାନଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଓ ଭୂମିହୀନ ପଟ୍ଟା ଯୋଗାଇ ଦେବାକୁ ଦାବିକରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଯୋଜକ ପବିତ୍ର ପରିଡା, ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଉମେଶ ଦାସ, ସାଧାରଣ ସମ୍ପାଦକ ହେମନ୍ତ ପରିଡା, ମହାକାଳପଡ଼ା ବିଜେପି ନେତ୍ରୀ ରୋଜାଳିନୀ ମହାନ୍ତି, ପଣ୍ଡିତ ଶେଖର ଦାସ, ଗୋବିନ୍ଦ ଦାସ, ସୁବାସ ସେଥି ,ଦେବକାନ୍ତ ପଲାଇ ଜୟନ୍ତୀ ମଲ୍ଲିକ ଓ ସରପଂଚ ପ୍ରାର୍ଥୀ ତ୍ରିଲୋଚନ ମଲ୍ଲିକ ବକ୍ତବ୍ୟ ରଖିଥିଲେ ,ରାଜକିଶୋର ଭୂୟାଁ ସଭାପତିତ୍ୱ କରିଥିବା ବେଳେ ତିନି ଶହରୁ ଉର୍ଧ୍ୱ କର୍ମୀ ଯୋଗଦେଇଥିଲେ।

ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବଲାଙ୍ଗୀର, ୧୫ ।୨(ନି.ପ୍ର): ଜିଲ୍ଲା ବିଶ୍ୱାବସୁ ଶବର ସଂଘ(ଆଦିବାସୀ) ବଲାଙ୍ଗୀର ଜିଲ୍ଲା ନେତ୍ର ଜ୍ୟୋତି ଅଭିଯାନ ବଲାଙ୍ଗୀର ଓ ଏସ୍‌ସିଡି ଚକ୍ଷୁ ଚିକିତ୍ସାଳୟ ପିପଲପଦର ଟିଟିଲାଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ବ୍ଲକ ସ୍ଥିତ କୁଡ଼ାସିଂହା ଗ୍ରାମ ପଂଚାୟତ ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୬୫ ଜଣ ରୋଗୀ ଉପସ୍ଥିତ ହୋଇ ଚକ୍ଷୁ ପରୀକ୍ଷା କରାଇଥିଲେ। ତନ୍ମଧ୍ୟରୁ ଚାକିରିଆ, ଦୂରଦୃଷ୍ଟି ସମ୍ପନ୍ନ ରୋଗୀ ଚିହ୍ନଟ କରାଯାଇ ମାଗଣାରେ ଚଷମା ବଂଟନ କରାଗଲା। ୧୩ ଜଣ ମହିଳା ପୁରୁଷ ମୋତିଆ ବିନ୍ଦୁ ଅପରେସନ ହେବାର ଚିହ୍ନଟ କରାଯାଇ ଅପରେସନ ପାଇଁ ବଲାଙ୍ଗୀର ଓ ଟିଟିଲାଗଡ ଏସ୍‌ସିଡି ଚକ୍ଷୁ ଚିକିତ୍ସାଳୟକୁ ପଠାଗଲା। ଅନ୍ୟାନ୍ୟ ପୁରୁଷ ମହିଳାକୁ ଡାକ୍ତର ପରାମର୍ଶ କ୍ରମେ ଔଷଧ ସେବନର ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ନେତ୍ର ଜ୍ୟୋତି ଅଭିଯାନ, ବଲାଙ୍ଗୀର ଚକ୍ଷୁ ବିଶେଷଜ୍ଞ ଉଷାରାଣୀ ଦାସ ଓ ତାଙ୍କର ସହଯୋଗୀ ୨ ଜଣ ଡାକ୍ତର ଉପସ୍ଥିତ ରହି ତଦାରଖ କରିଥିଲେ। ଜିଲ୍ଲା ଶବର(ଆଦିବାସୀ) ସଂଘର ଜିଲ୍ଲା ସମ୍ପାଦକ ଯଥା ବିଶ୍ୱାଳ, ବଲାଙ୍ଗୀର ଉପଖଣ୍ଡ ସଭାପତି ରାହାସ ବିହାରୀ ଭୋଇ, କୁଡ଼ାସିଂହା କେନ୍ଦ୍ର ସଭାପତି ଅକ୍ରୁର କାଲସାଏ, ଚିକଲବାହାଲ କେନ୍ଦ୍ର ସଭାପତି ଲଳିତ ମଲ୍ଲିକ, ସମାଜସେବୀ ଚନ୍ଦ୍ର ଭୋଇ, ପ୍ରେମରାଜ ବହିଦାର, ଦାଶରଥି ମଲ୍ଲିକ ଉପସ୍ଥିତ ଥିଲେ। କୁଡ଼ାସିଂହା ଗ୍ରାମ ପଂଚାୟତର ସରପଂଚ ଜ୍ୟୋସ୍ନାରାଣୀ ସାହୁ, ସମିତି ସଭ୍ୟା କାମିନୀ ପୁଟେଲ, ସମାଜସେବୀ ଅମୀର ସାହୁଙ୍କ ସହିତ ପଂଚାୟତର ଅନ୍ୟାନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଟ୍ରକ ଧକ୍କାରେ ଯୁବ ମେକାନିକଙ୍କର ଶୋଚନୀୟ ମୃତ୍ୟୁ

ଧର୍ମଶାଳା, ୧୫ ।୨(ନି.ପ୍ର): ଟ୍ରକ ଧକ୍କାରେ ଯୁବ ମେକାନିକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ୧୬ ନ ଜାତୀୟ ରାଜପଥ କୁଆଖିଆ ଥାନା ଅନ୍ତର୍ଗତ ବିଜୁ ନଗର ନିକଟରେ। ମୃତ ଯୁବକ ଜଣକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଘୋଲପୁର ଗ୍ରାମର ରାଜ କିଶୋର କରଙ୍କ ପୁଅ ଦିପକ(୩୨) ବୋଲି ଜଣାପଡିଛି । ପୁଲିସ ଟ୍ରକଟିକୁ ଜବତ କରିବା ସହ ମୃତ ଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ,ଆଜି ସକାଳ ୧୦ ଘଟିକା ସମୟରେ ବିଜୁ ନଗରଠାରେ ୧୬ ନଂ ଜାତୀୟ ରାଜପଥରେ କଡରେ ଏକ ଟାୟାର ଦୋକାନରେ କାର୍ଯ୍ୟରତ ଥିଲେ । ଏହି ସମୟରେ ସେ ରାସ୍ତା କଡରେ ଥିବା ଏକ ଟ୍ରକର ଟାୟାରରେ ପମ୍ପ ଦେବା ସମୟରେ ଦିପକ ଉପରେ ଏକ ଟ୍ରକ ଚଢିଯାଇଥିଲା । ରସୁଲପୁର ଅଙ୍ଗୁଶମ ବିଭାଗ ତାଙ୍କୁ ଉଦ୍ଧାର କରି ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। କୁଆଖିଆ ପୁଲିସ ଘଟଣାସ୍ଥଳରୁ ୨ଟି ଟ୍ରକକୁ ଜବତ କରିବା ଶବ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡଚଣା ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି ।

ଦୁଇ ଶିଶୁ ପୁତ୍ରକୁ ହତ୍ୟାକରି ମା'ର ଆତ୍ମହତ୍ୟା ଘଟଣା

ସାଇଂଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହେଲା ଶବ ଜବତ

ଚମ୍ପୁଆ, ୧୫ ।୨(ନି.ପ୍ର): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ ଡୁରୁକୁଳିଆ ଗ୍ରାମରେ ଗତକାଲି ନିଜର ଦୁଇ ଶିଶୁ ପୁତ୍ରକୁ ହତ୍ୟା କରି ମହିଳା ଘରଭିତରେ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣାର ଛାନଭିନ ଆରମ୍ଭ ହୋଇଛି। ପୋଲିସ ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତିନୋଟି ଶବକୁ ଜବତ କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ସାଇଂଟିଫିକ ଟିମ୍ ର ସାହାଯ୍ୟ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ, ଗତକାଲି ଅପରାହ୍ନରେ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ ଡୁରୁକୁଳିଆ ଗ୍ରାମର ଭୀମସେନ ନାଏକ ଟ୍ରାକ୍ଟର ଯୋଗେ ହଳ କରିବା ପାଇଁ ବିଲକୁ ଯାଇଥିବା ସମୟରେ ତାଙ୍କ ପତ୍ନୀ କ୍ଷଣପ୍ରଭା ନାଏକ (୩୫ ବର୍ଷ) ନିଜର ଦୁଇ ଶିଶୁପୁତ୍ର ନନ୍ଦନ (୨ ବର୍ଷ) ଓ ଜନସେନ (୪ ବର୍ଷ)ଙ୍କୁ ହତ୍ୟା କରି ପରେ ନିଜେ ଘରଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସ୍କୁଲ ଛୁଟି ପରେ ତାଙ୍କ ବଡ଼ ଝିଅ ତପସ୍ୱିନୀ (୬ ବର୍ଷ)ଘରକୁ ଫେରି ଦୀର୍ଘ ସମୟ ଧରି ଡାକିଥିଲେ ମଧ୍ୟ କେହି କବାଟ ନ ଖୋଲିବାରୁ ତାଙ୍କ ବଡ଼ ବାପାଙ୍କ ଘରକୁ ଯାଇ ଜେଜେମାଆଙ୍କୁ ଜଣାଇଥିଲେ। ଜେଜେ ମା ତପସ୍ୱିନୀଙ୍କୁ ସାଙ୍ଗରେ ନେଇ ତାଙ୍କ ଘରକୁ ଯାଇ ଘର ଭିତର ପଟୁ ବନ୍ଦ ହୋଇଥିବାର ଦେଖି ତାଙ୍କ ମନରେ କିଛି ଅଘଟଣ ଘଟିଥିବା ସନ୍ଦେହ ହେବାରୁ ସେ ନିକଟସ୍ଥ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ବନ୍ଦ ଘର ଭିତରେ ଦୁଇ ଶିଶୁ ପୁତ୍ରଙ୍କ ମୃତ ଶରୀର ପଡିଥିବା ସହିତ କ୍ଷଣପ୍ରଭାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖି ଭୀମସେନଙ୍କୁ ଜଣାଇବା ସହିତ ପୋଲିସକୁ ଖବର ଦେଇଥିଲେ।

ଜେପିଏଲ କ୍ରିକେଟ ଟୁର୍ଣ୍ଣାମେଂଟ : ୩ୟ ଦିବସରେ ବିଏସ ଫାଇଟର ଟିମ ବିଜୟୀ

ବାରିପଦା, ୧୫ ।୨(ନି.ପ୍ର): ସ୍ଥାନୀୟ ମୁର୍ଗାବାଡିଠାରେ ଷଷ୍ଠ ବାର୍ଷିକ ଯମ ପଡିଆ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ ଦିନର ମ୍ୟାଚରେ ବିଏସ ଫାଇଟର ଟିମ ଟୋକସିକ ଥାଣ୍ଡାରକୁ ୫ ଉଇକେଟରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟୋକସିକ ଥାଣ୍ଡାର ୧୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ବାପି ସୋରେନ ସର୍ବାଧିକ ୪୧ରନ କରିଥିବା ବେଳେ ଭୁବନ ସିଂ ଓ ସଂଜୀବ ମହାପାତ୍ର ୪ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ବିଏସ ଫାଇଟର ୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଭବତୋଷ ଶେଜପଡା ୩୭ ଓ ଅଭିନାଶ ସିଂ ୨୮ ରନ କରିଥିବା ବେଳେ ବିପକ୍ଷ ଦଳର ବାପି ସୋରେନ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ସଂଜୀବ ମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଶ୍ରୀକାନ୍ତ କୁମାର ଓ ରଶ୍ମିରଂଜନ ଧୀର ଖେଳ ପରିଚାଳନା କରିଥିବା ବେଳେ ରାକେଶ କୁମାର ବେହେରା ସ୍କୋରିଙ୍ଗରେ ସହାୟତା କରିଥିଲେ ।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଗର୍ଜିଲା ବିଜେପି : ନବୀନଙ୍କ କୁଶପୁତ୍ତଳା ଦାହ

ଭଦ୍ରକ,୧୫।୨: ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତି ସଂଗୀନ ସ୍ଥିତିରେ ପହଞ୍ଚିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଥିବା ସତ୍ତ୍ୱେ ରାଜ୍ୟର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ପୁଲିସ ହତ୍ୟା କରୁଛି। ପୁଣି ପୁଲିସ ବିରୁଦ୍ଧରେ ପୁଲିସ ତଦନ୍ତ କରୁଛି। ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଏବଂ ନବ ଦାସଙ୍କ ମୃତ୍ୟୁର ସିବିଆଇ ତଦନ୍ତ କରାଇବା, ଚାଷୀଙ୍କୁ ଅଣଦେଖା, ମଣ୍ଡିରୁ ଧାନ ଉଠା ଯାଉନି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ସରକାରଙ୍କ ଇସ୍ତଫା ଦାବି କରି ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ

ଶହଶହ ସଂଖ୍ୟାରେ ବିଜେପି କର୍ମୀ ନେତା ଜିଲ୍ଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ନୀବନ ପଟ୍ଟନାୟକଙ୍କ କୁଶପୁତ୍ତଳା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଡାକ୍ତର ପ୍ରଦୀପ କୁମାର ନାୟକ, ମାଧବାନନ୍ଦ ମଲ୍ଲିକ, ବଦ୍ରିନାରାୟଣ ଧଳ, ଅଶୋକ କୁମାର ପରିଜା, ଶ୍ରୀହର୍ଷ ସ୍ୱାଇଁ, ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଅଶୋକ ପୁହାଣ, ଦୀନବନ୍ଧୁ ପତି, ଅକ୍ଷୟ ସାହୁ, ପଞ୍ଚାନନ ରାଉତ, ଅଶୋକ ସାହୁ, ଅଶୋକ ରାହୁଲ, ପୂର୍ଣ୍ଣଚନ୍ଦ୍ର ପାଣି ଭଳି ବହୁ ଜିଲ୍ଲା ଓ ବ୍ଲକସ୍ତରୀୟ ନେତା ସାମିଲ ହୋଇଥିଲେ।

ଚକା ଫାଟିବାରୁ ସାଲୁଙ୍କି ବସ୍ ଦୁର୍ଘଟଣାଗ୍ରସ୍ତ : ୩୦ ଆହତ

କନ୍ଧମାଳ, ୧୫ ।୨(ନି.ପ୍ର): ଚକା ଫାଟିବାରୁ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅନ୍ତର୍ଗତ ପଣ୍ଡାଇପି ମୁଣ୍ଡାସାହିରେ ଏହି ଅଭାବନୀୟ ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ପ୍ରାୟ ୩୦ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି। ଆହତ ଓ ଗୁରୁତରମାନଙ୍କୁ ସ୍ଥାନୀୟ ଲୋକଙ୍କର ସହାୟତାରେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଉଛି। ସୂଚନା ଅନୁସାରେ, ଘରୋଇ ଯାତ୍ରୀବାହୀ ବସ୍ 'ସାଲୁଙ୍କି' ଆଜି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଠାରୁ ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ନେଇ ବାହାରିଥିଲା। ବସ୍ଟି ଫୁଲବାଣୀ ଯାଉଥିବା ବେଳେ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅନ୍ତର୍ଗତ ପଣ୍ଡାଇପି ମୁଣ୍ଡାସାହିରେ ଏହାର ଏକ ଚକା ଫାଟି ଯାଇଥିଲା। ଫଳରେ ବସ୍ ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ପ୍ରାୟ ୩୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଆହତ ଯାତ୍ରୀମାନଙ୍କୁ ଡାକ୍ତରଖାନାକୁ ନିଆଯାଇଛି ।

ଜୟପୁର ଟାଉନ ହଲ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର, ୧୫ ।୨(ନି.ପ୍ର): ଜୟପୁର ଟାଉନ ହଲ ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା

ଧାନ କିଣାରେ ୨୦ହଜାର କୋଟି କାଟିବା ଓ ଚାଉଳ ପଠାଇବାରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଧାରଣା

ବସ୍ତା, ୧୫/୦୨ (ନି.ପ୍ର): କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟକୁ ଧାନ କିଣାରେ ୨୦ ହଜାର କୋଟି ଟଙ୍କା କାଟିଦେବା ଓ ଚାଉଳ ପଠାଇବାରେରେ ଟାଳଟୁଳ ନୀତି ବିରୋଧରେ ବୁଧ ବାର ସଦର ବ୍ଲକର ରସଲପୁର ପଞ୍ଚାୟତ ଅଫିସ ସମ୍ମୁଖରେ ବିଜୁ ଜନତା ଦଳ ପକ୍ଷରୁ ଧାରଣା ଦିଆଯାଇଥିଲା ।ରସଲପୁର ଗ୍ରାମପଞ୍ଚାୟତ ସଭାପତି ଅଙ୍କୁର ତରେଇ ସରପଞ୍ଚ ଭାରତି ତରେଇ ସମିତିସଭ୍ୟ ରାଜୀବ ଲୋଚନ ବେହେରା, ନାୟବ ସରପଞ୍ଚ ରମେଶ ଚନ୍ଦ୍ର ପାଣି, ଯୁବନେତା ଅଭିରାମ ନାୟକ ସମେତ ବିଭିନ୍ନ ଓଆର୍ଡ ର ସଭ୍ୟ ସଭ୍ୟ। ଏବଂ ବିଜେଡିର ନେତୃ ମଣ୍ଡଳୀ, ସଦସ୍ୟ ଓ ସମର୍ଥକ ଯୋଗ ଦେଇଥିଲେ।ନେତୃବୃନ୍ଦ ଭାଷଣ ଦେଇ କେନ୍ଦ୍ର ସରକାର ବିରୋଧ ରେ ବର୍ଷି ଥିଲେ।

ଶ୍ରୀ ନଗେନ୍ଦ୍ର ନାଥ ସିହ୍ନାଙ୍କ ଆରଏସପିର ଯୁବ ପ୍ରବନ୍ଧକଙ୍କୁ ପରାମର୍ଶ

ରାଉରକେଲା, ୧୫/୦୨ (ନି.ପ୍ର): "ବୈଷୟିକ ଜ୍ଞାନ କୌଶଳ, ପରିବେଶ ଏବଂ ବିବିଧ ସମସ୍ୟା ଜନିତ ଆହ୍ୱାନଗୁଡିକ ସହ ତାଳ ଦେଇ ଆବଶ୍ୟକୀୟ ଅନୁସୃଜନ, ପରିବର୍ତ୍ତନ ଓ ଅଭିନବତା ଅବଲମ୍ବନ କରନ୍ତୁ," ବୋଲି ସେଲ ରାଉରକେଲା ଇସ୍ପାତ କାରଖାନାର ଯୁବ ପ୍ରବନ୍ଧକମାନଙ୍କୁ ଡ଼ିଆଇସିଙ୍କ କାର୍ଯ୍ୟାଳୟରେ ମନ୍ଥନ ସମ୍ମିଳନୀ କକ୍ଷଠାରେ ଫେବୃଆରୀ ୧୫ ତାରିଖରେ ଅନୁଷ୍ଠିତ ଏକ ମତବିନିମୟ ଅଧିବେଶନରେ ସମ୍ବୋଧିତ କରିବା ଅବସରରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ସଚିବ ଶ୍ରୀ ନାଗେନ୍ଦ୍ର ନାଥ ସିହ୍ନା ଉଲ୍ଲେଖ କରିଛନ୍ତି। ଏହି ବୈଠକରେ କାରଖାନାର ବିଭିନ୍ନ ୟୁନିଟରେ କାର୍ଯ୍ୟରତ ପ୍ରାୟ ୫୫ ଜଣ ଯୁବ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ଖଣି ବିଭାଗର ସିଜିଏମ୍ ଇନ୍-ଚାର୍ଜ, ଶ୍ରୀ ପି କେ ରଥ, ସେବା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଦେବବ୍ରତ ଦତ୍ତ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ସିହ୍ନା ଆହୁରି ମଧ୍ୟ ରାଷ୍ଟ୍ର ନିର୍ମାଣରେ ଇସ୍ପାତର ମହତ୍ତ୍ୱ ଏବଂ ଆଗାମୀ ଆହ୍ୱାନଗୁଡିକ ବିଷୟରେ ବର୍ଣ୍ଣନା କରିଥିଲେ। ଆରଏସପିର ଦୀର୍ଘ ଉଲ୍ଲେଖନୀୟ ଯାତ୍ରା ତଥା ଏହାର ଅବଦାନର ସେ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିଯୋଗିତାମୂଳକ ବଜାର କ୍ଷେତ୍ରରେ ନିଜର ସ୍ଥାନ ବଜାୟ ରଖିବା ପାଇଁ ଗ୍ରାହକଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ରହିବା ଏବଂ ପଣଧାରୀଙ୍କ ପରିବର୍ଦ୍ଧିତ ଯୋଗଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଇସ୍ପାତ ସଚିବ ମଧ୍ୟ ବିସ୍ତୃତ ଡିଜିଟାଲାଇଜେସନ୍ ଗ୍ରହଣ କରିବା ତଥା ନୂତନ ଗ୍ରେଡଯୁକ୍ତ ଇସ୍ପାତ ବିକଶିତ କରିବା ଏବଂ ପ୍ରତିବନ୍ଧକକୁ ଦୂର କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଉପରେ ଜୋର ଦେଇଥିଲେ। ମତବିନିମୟ ଅଧିବେଶନରେ ଯୁବ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ ବିଷୟଗୁଡିକର ଉଲ୍ଲେଖନୀୟ ବ୍ୟାପକ ପରିସୀମାକୁ ନେଇ ସେ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଜେ.ଏନ୍.ୟୁ. ପ୍ରଫେସରଙ୍କୁ ମାଡ଼ ଘଟଣା : ମୟୂରଭଞ୍ଜ-୧ ବି.ସି.ଜେ.ଡି. ପକ୍ଷରୁ ନୀରବ ପ୍ରତିବାଦ

ମୟୂରଭଞ୍ଜ,୧୫/୦୨ (ନି.ପ୍ର): ଗତ କିଛିଦିନ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସିନିୟର୍ ସିଟିଜେନ୍ ପକ୍ଷରୁ ଆୟୋଜିତ ଏକ ସେମିନାର୍ କୁ ଯୋଗ ଦେବାକୁ ଆସିଥିବା ଜେ.ଏନ୍.ୟୁ. ର ପ୍ରଫେସର୍ ଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବା ଘଟଣାକୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜୁ ଛାତ୍ର ଜନତା ଦଳ, ମୟୂରଭଞ୍ଜ-୧ ତରଫରୁ ଏକ ନୀରବ ପ୍ରତିବାଦ ସଭା ସ୍ଥାନୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ବି.ସି.ଜେ.ଡି. ରାଜ୍ୟ ସଭାପତି ତଥା ମାନ୍ୟବର ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ-୧ ଜିଲ୍ଲା ସଭାପତି ସୁନିଲ୍ କୁମାର ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ନୀରବ ପ୍ରତିବାଦ ସଭାରେ ବି.ସି.ଜେ.ଡି. ରାଜ୍ୟ ସାଧାରଣ ସମ୍ପାଦକ ଦିବ୍ୟବ୍ରତ ମହାନ୍ତି, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ଶଙ୍କର୍ଷଣ ପଣ୍ଡା, ମହାବିଦ୍ୟାଳୟର ପୂର୍ବତନ ସଭାପତି ଆଭାସ ଦେ, ବିଶ୍ୱବିଦ୍ୟାଳୟ ଛାତ୍ର ଆବାହକ ଅଭିଷେକ ପଣ୍ଡା, ଜିଲ୍ଲା ଛାତ୍ର ଉପ-ସଭାପତି ଦେବଜିତ୍ ପଟ୍ଟନାୟକ, ଶୁଭଜିତ୍ ପାଣି, ଅକ୍ଷୟ ସିଂ, ଜିଲ୍ଲା ଛାତ୍ର ସମ୍ପାଦକ ସଞ୍ଜୀବ ପୂର୍ତ୍ତି, ଛାତ୍ରନେତା ସୌମ୍ୟକାନ୍ତ ମିଶ୍ର, ଅନ୍ୱେଶିତା ତ୍ରିପାଠୀ, ଆକାଶ ପରିଡା, ଭୀଷ୍ମ ନାୟକ, ରକ୍ଷା ସାଗର ରାଉତ ଓ ମିଲିନ ସ୍ୱାଇଁ ପ୍ରମୁଖଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ତେବେ ଓଡ଼ିଶା ଇତିହାସରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଭବିଷ୍ୟତରେ କିଭଳି ଭାବରେ ଏହାର ପୁନରାବୃତ୍ତି ନହୁଏ, ସେଥିପାଇଁ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଛାତ୍ର ସଭାପତି ସୁନିଲ୍ କୁମାର ନାୟକ ଦାବୀ କରିଛନ୍ତି ।

ମା ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, କଳିକତା ଚାମ୍ପିୟନ

ଖଇରା, ୧୫/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ଗ୍ରାମ ପଞ୍ଚାୟତ ଅଧୀନ କାକୁଡିଆ ମିନି ଷ୍ଟାଡିୟମରେ ଚାଲିଥିବା ମା ବାମକାଳୀ ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଧାମରାର ସାଇଶ୍ରୀ ଟିମ ଓ କଳିକତାର ସୁହାନୀ ଇଲେଭେନ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସୁହାନୀ ୨୦ଓଭରରେ ୬ଉଇକେଟ ହରାଇ ୨୩୩ରନ କରିଥିଲା । ଜବାବରେ ଧାମରା ୧୩ ଓଭରରେ ସମସ୍ତ ଉଇକେଟ ହରାଇ୧୩୫ରନ ସଂଗ୍ରହ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା । ତାପସ ସାହୁ ଓ ତୃପ୍ତିକାନ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଉକ୍ତ ମ୍ୟାଚକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଯୁବ ବିଜେଡି ଉପସଭାପତି ଗୌତମ ରାଉତ, ଓଷ୍ଟାର ପୂର୍ବତନ ଜିଲା ସଭାପତି ଜିତେନ୍ଦ୍ର ବେହେରା, ଦିବାକର ନାୟକ, ହିମାଂଶୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୟୀଦଳକୁ ସିଲ୍ଡ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ମହେନ୍ଦ୍ର ବେହେରା, ଉପେନ୍ଦ୍ର ବେହେରା, ଦର୍ଶନ ବେହେରା, ବଳରାମ ଲେଙ୍କା, ସଞ୍ଜୟ କୁମାର ବେହେରା, ଯଦୁନାଥ ଲେଙ୍କା,ନବ କିଶୋର ନାୟକ, ବାବାଜି ମହାନ୍ତି, ବିଦ୍ୟାଧର ଲେଙ୍କା, ଜ୍ଞାନ ରଞ୍ଜନ ନାୟକ, କମଳାକାନ୍ତ ବେହେରା, ନରେନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

ଶିକ୍ଷା ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ : ୨୧ରେ ଗଡ଼ପଦା ସ୍କୁଲରେ ତାଲାବନ୍ଦ ଆନ୍ଦୋଳନ

ରୂପସା, ୧୫/୦୨ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା ଲାଗିରହିଛି । ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନଥିବାରୁ ଆସନ୍ତା ୨୧ ତାରିଖରେ ତାଲାବନ୍ଦ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ହୋଇଛି । ଏଥିପାଇଁ ବୁଧବାର ଏସଏମସି ସଭାପତି ରାଜେନ୍ଦ୍ର ପାଣିଗ୍ରାହୀଙ୍କ ପୌରାହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍କୁଲ ମେନେଜମେଣ୍ଟ କମିଟି ଓ ଶାନ୍ତି କମିଟି ସଦସ୍ୟ, ଅବିଭାବକମାନେ ବୈଠକରେ ଉପସ୍ଥିତ ରହି ଶିକ୍ଷା ବିଭାଗ ର ମନମୁଖୀ କାର୍ଯ୍ୟକୁ ବିରୋଧ କରିଥିଲେ । ଆସନ୍ତା ୨୧ ତାରିଖ ରେ ସ୍କୁଲରେ ତାଲାବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ଜଣେ ପ୍ରଧାନଶିକ୍ଷକ ନିଯୁକ୍ତି, ସ୍କୁଲରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ସହକାରୀ ଶିକ୍ଷୟିତ୍ରୀ ମିନତୀ ସୋରେନଙ୍କ ବଦଳି, ପାଚିକା ନିଯୁକ୍ତି ଆଦି ସମ୍ପର୍କରେ କମିଟି ପକ୍ଷରୁ ବାରମ୍ବାର ବିଇଓ, ଏବିଇଓଙ୍କୁ ଲିଖିତ ଅଭିଯୋଗ ହୋଇ ଆସୁଥିଲେହେଁ ଏଯାବତ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବିଭିନ୍ନ ଅନିୟମିତତା ସମ୍ପର୍କରେ ପୂର୍ବତନ ବିଇଓ ଏକ ସ୍ୱତନ୍ତ୍ର ଟିମ ସହ ବିଦ୍ୟାଳୟରେ ବାରମ୍ବାର ତଦନ୍ତ କରି ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ବେହେରାଙ୍କ ବିରୁଦ୍ଧରେ ମଧ୍ୟ ଏଯାବତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଉତ୍ତେଜନା ଲାଗିରହିଛି । ଶିକ୍ଷାବିଭାଗ ଉଚ୍ଚ ଅଧିକାରୀ ଜାଣିଶୁଣି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବାରୁ ଜୋରଦାର ଆନ୍ଦୋଳନ ହେବ ବୋଲି ଧମକ ଦିଆଯାଇଛି ।

କେନ୍ଦ୍ରର ଖାଉଟି ସାମଗ୍ରୀ କାଟ ବିରୋଧରେ ବିଜେଡିର ଧାରଣା

ଖଇରା, ୧୫/୦୨ (ନି.ପ୍ର): କେନ୍ଦ୍ରର ଖାଉଟି ସାମଗ୍ରୀ କାଟ ର ପ୍ରତିବାଦ କରି ବୁଧବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୩୭ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ମୀ ତଥା ଲେକପ୍ରତିନିଧି ମାନେ ଧାରଣାରେ ବସିବା ସହ ସ୍ଲୋଗାନ ଦେଇଥିଲେ । କୁପାରୀ ପଞ୍ଚାୟତର ସମ୍ମୁଖରେ ପୁର୍ବତନ ବ୍ଲକ ଉପାଧକ୍ଷା ଜୟନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ବର୍ତ୍ତମାନ କେନ୍ଦ୍ରରେ ମୋଦି ସରକାର ୫କିଲୋ ଲେଖାଏଁ ଚାଉଳ କମ କରି ଗରୀବଙ୍କ ପେଟକୁ ଲାତ ମାରିଥିବା ବେଳେ ଅନ୍ୟପଟେ ଆଦାନୀ ଓ ଆମ୍ବାନୀ ଙ୍କୁ ସନ୍ତୁଷ୍ଟ କରିବାକୁ ଦେଶର ସମ୍ପତ୍ତି ଅଜାଡି ଦିଆଯାଉଛି । ୨୦୨୪ରେ ଓଡିଶାବାସୀ ଏହାର ଜବାବ ଦେବେ ବୋଲି କହିଥିଲେ । ରଟିଣା ଧାରଣାର ନେତୃତ୍ୱ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର, ନିରଞ୍ଜନ ମହାପାତ୍ର ନେଇଥିବା ବେଳେ ଅମରିଆ ଆନ୍ଦୋଳନର ନେତୃତ୍ୱ ସମିତିସଭ୍ୟା ସଂଯୁକ୍ତା ମହାପାତ୍ର ଓ ସରପଞ୍ଚ ସସ୍ମିତା ଧିନ୍ଦା ନେଇଥିଲେ । ସେହିଭଳି ଖଇରା ପଞ୍ଚାୟତ ସମ୍ମୁଖରେ ଅନୁଷ୍ଠିତ ଧାରଣାରେ ପ୍ରାକ୍ତନ ସରପଞ୍ଚ ସୁଦର୍ଶନ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ କୁରୁଣ୍ଟାରେ ଜିଲା ପରିଷଦ ସଭ୍ୟ ମାନସ ଦାସ, ନନ୍ଦୁରରେ ସରପଞ୍ଚ ଜୟନ୍ତୀ ପତି ଓ ସମିତିସଭ୍ୟା ଦମୟନ୍ତୀ ମାଝୀ ପ୍ରମୁଖ ବକ୍ତବ୍ୟରେ କେନ୍ଦ୍ରକୁ କଡା ସମାଲୋଚନା କରିଥିଲେ । ନୟାଖଣ୍ଡି ପଞ୍ଚାୟତର ଯୁବନେତା ମୁକେଶ ଜେନାଙ୍କ ପୌରହିତ୍ୟ ଧାରଣା ଦିଆଯାଇଥିବା ବେଳେ କୁଶାସନ କର, ଦିଲ୍ଲିପ ତିଆଡି, ସୁଦାମ କୁଣ୍ଡୁ ଧାରଣାର ନେତୃତ୍ୱ ନେଇଥିଲେ ।

ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବସ୍ତା, ୧୫/୦୨ (ନି.ପ୍ର): ଶିକ୍ଷକ ଜିବନରେ ଅବସର ପରେ ସେ ନିଜକୁ ସିଶ୍ୱହାୟ ମଣେ ହେଲେ ଏକାଗ୍ରତା ଆତ୍ମବିଶ୍ୱାସ ସହନଶିଳତା ତାଙ୍କୁ ସାଧନାର ଶେଷଠିକଣା ରେ ପହଞ୍ଚାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବସ୍ତା ଜିଲ୍ଲା ଶିକ୍ଷା ଅଧିନରେଥିବା ଫୁଲମଣୀ ବିଦ୍ୟାପୀଠରେ ଅନୁଷ୍ଠିତ ଶିକ୍ଷକଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବଂଶୀଧର ପରିଡାଙ୍କ ସଭାପତିତ୍ୱରେ ଏକ ବନ୍ୟାଢ ପରିବେଶରେ ସଭାର ଆୟୋଜନ ହୋଇଥିଲା । ମୂଖ୍ୟ ଅତିଥିଭାବେ ନିଳମଣି ମହାବିଦ୍ୟାଳୟର ଅବସର ପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ଡଃ ଭାଗବତ ପ୍ରସାଦ ବେହେରା, ମୂଖ୍ୟବକ୍ତା ରାସଗୋବିନ୍ଦପୁର ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ତଥା ନାଟ୍ୟକାର ଦିଲ୍ଲୀପ ରଥ, ସମ୍ମାନୀତ ବକ୍ତା ସାନଖୁଡି କ୍ଲଷ୍ଟର ସି ଆର ସିସି ସଞ୍ଜୟକୁମାରଗିରି, ପ୍ରଦୀପ କୁମାର ପଣ୍ଡା, ଅବସର ବ୍ୟାଙ୍କ ମେନେଜର ଚକ୍ରଧର ସେଠୀ, ବିଶେଷ ଅତିଥି ମଥାନୀ ସରପଞ୍ଚ ମମତା ସିଟ, ଦେବେନ୍ଦ୍ର ବେହେରା, ଜିଲ୍ଲାଓଷ୍ଟା ସେକ୍ରେଟେରୀ ମନୋରଞ୍ଜନ ଦାସ, ବସ୍ତା ଓଷ୍ଟା ସେକ୍ରେଟେରୀ ହରିବାସ ଦାସ, ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ଦଣ୍ଡପାଟଙ୍କୁ ଆଜି ବିଦ୍ୟାପୀଠରୁ ବିଦାୟ କାଳିନ ଅବସରରେ ଉତ୍ତରିୟ ମାନପତ୍ର ସାଲ ଦଇ ସମ୍ବର୍ଦ୍ଧନା କରାଯାଇଥିଲା । ଏବଂ ତାଙ୍କ ରଚିତ ନାଟକର ଝଲକ ସଂଗୀତ ମାଧ୍ୟମରେ ପରିବେଷଣ କରାଯାଇଥିଲା । ସଂଗୀତକୁ ସଂଯୋଜନା କରିଥିଲେ ଯୁବ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠ ଶିଳ୍ପି ବିଜୟ କୁମାର ଭୂୟାଁ । କଣ୍ଠ ଦାନ କରିଥିଲେ ସୁଶ୍ରୀ ସୁକାନ୍ତି ପରିଡା, ପ୍ରିୟନାଥ ପାଣି, ଅରବିନ୍ଦ ପ୍ରଧାନ । ଅତିଥି ପରିଚୟ ଇଂ ସୁଧାଶୁଂ ସେଖର ଯେନା କରିଥିବାବେଳେ ମଞ୍ଚ ପରିଚାଳନା ପୁରାତନ ଛାତ୍ର ସଂସଦ ମନୋଜ କୁମାର ଆଇଚ, ଦିଲ୍ଲୀପ କୁମାର ମହାନ୍ତି, ହରହୃଦୟାନନ୍ଦ ମହାନ୍ତି, ଦିଲ୍ଲୀପକୁମାର ଦଣ୍ଡପାଟ, ରାୟଗୁରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୟାଧର ଦଣ୍ଡପାଟ ରାମଚନ୍ଦ୍ର ଦଣ୍ଡପାଟ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଆମେପଢିବୁ ଆମେ ବଢିବୁ ଆମେଶ୍ରେଷ୍ଠ)ନାଟକ ପରିବେଷଣ ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପାଣି ପଂଚାୟତ ଆଜି ଆନ୍ଦୋଳନରେ....

ଅନ୍ୟାନ୍ୟ ହିତାଧିକାରୀଙ୍କୁ ନେଇ ତୃଣମୂଳ ସ୍ତରରେ ଜଳ ବଂଟନରେ ସମାନତା ଆଣିବା ଉଦ୍ଦେଶ୍ୟରେ ଅତି ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଇଛି । ଏବେ ଅସମ୍ପୂର୍ଣ୍ଣ ଥିବା ବହୁ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ ହେବା ପରେ ପାଣି ପଂଚାୟତ ମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ କୋଭିଡ ପରବର୍ତ୍ତୀ ସମୟରେ ଏହି ପାଣି ପଂଚାୟତ ପକ୍ଷ ୧୧୭ ଟି ଜଳସେଚନ ବିଭାଜନରେ ଏବଂ ୩୦ ଟି ଜିଲ୍ଲାରେ ସହଭାଗୀ ସେଚ ପରିଚାଳନାରେ ସମ୍ପୃକ୍ତ ପାଣି ପଂଚାୟତ ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ନେଇ ଏହା ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ରାଜ୍ୟରେ ପାଣି ପଂଚାୟତର ପ୍ରଗତି ଯାତ୍ରାରେ ସେଚ ସହଭାଗିତା, ସେଚ ସହଭାଗିତା ପ୍ରଶିକ୍ଷଣ ସମ୍ବନ୍ଧୀୟ ପୁସ୍ତିକା "ସିଞ୍ଚିତା",ଇ-କାଡ ଅଧୀନରେ ଇନଫ୍ରା ଏବଂ ଏମଆଇଏସ ମୋଡ୍ୟୁଲ ପରି ଆପ୍ଲିକେସନ୍ କୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ମୋଡ୍ୟୁଲ ପ୍ରକଳ୍ପଗୁଡିକର ବାସ୍ତବ ଓ ଆର୍ଥିକ ପ୍ରଗତିର ସଠିକ ସମୟରେ ପର୍ଯ୍ୟାଲୋଚନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଏହି ସମାରୋହରେ ବିଭିନ୍ନ ପ୍ରକଳ୍ପର ୪୦ ଗୋଟି ଶ୍ରେଷ୍ଠ ପାଣି ପଂଚାୟତ (ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ), ୩୦ ଜଣ ପ୍ରଗତିଶୀଳ କୃଷକ,ବିଭିନ୍ନ ପ୍ରତିଯୋଗିତାର ୧୨ ଜଣ ବିଜେତା ତଥା ୧୨ ଟି ଶ୍ରେଷ୍ଠ ପ୍ରକଳ୍ପ ଏବଂ ୧୫ ଜଣ ଶ୍ରେଷ୍ଠ ଅଧିକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ବ୍ରହ୍ମଗିରି ମା କାଗୁଳାଇ ପାଣି ପଂଚାୟତର ଶ୍ରୀମତୀ ଗୀତାରାଣୀ ସାହୁ ଓ ଯାଜପୁର ବଡଚଣାର ମା ବ୍ରାହ୍ମଣୀଦେବୀ ପାଣି ପଂଚାୟତର ନଳିନୀକାନ୍ତ ପୃଷ୍ଟି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି ପାଣି ପଂଚାୟତ କରିଆରେ ସେମାନେ କିପରି ସଫଳ ଜଳ ପରିଚାଳନା କରି ଚାଷରେ ଉନ୍ନତି ଆଣିପାରିଛନ୍ତି, ସେ ବିଷୟରେ ପ୍ରକାଶ କରିଥିଲେ।

ଗୁରୁବାର, ଫେବୃଆରୀ ୧୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଆଶା-ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ବାଲେଶ୍ୱର, ୧୫/୦୨ (ନି.ପ୍ର): ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ପ୍ରାଥମିକ ସ୍ୱାସ୍ଥ୍ୟକର୍ମୀମାନେ ସାମାଜିକ ଚେତନାର ବାର୍ତ୍ତାବହ ବୋଲି ମତ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ କର୍ମୀମାନେ ନିଜକୁ ଜଣେ ଜଣେ ସାମାଜିକ ଯୋଦ୍ଧା ଭାବି ସେବା କରିବାକୁ ସେ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ଯଥାର୍ଥରେ ସମାଜକୁ ଆଶାର କିରଣ ପ୍ରଦାନ କରୁଛନ୍ତି ବୋଲି କହିଥିଲେ । ସେମାନେ ନିଷ୍ଠାପୂର୍ଣ୍ଣ ସେବା ଦ୍ୱାରା ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଲସେନ ଜଗଦେଓ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସୁମିତ୍ରା ଦେ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତଥି ଭାବେ ଯୋଗଦେଇ ଆଶାକର୍ମୀ, ଗୀ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ରୂପାୟନ କରିବାରେ ସେମାନଙ୍କର ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜନ କୁମାର ନାୟକ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସିମିତିର ସଫଳ କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅନୀଲ କୁମାର ମହାନ୍ତି ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଡେପୁଟି ମ୍ୟାନେଜେର ଏଲିନା ସାମଲ ମଞ୍ଚ ପରିଚାଳନା କରିଥିଲେ ।

ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ବିଜେପିର ପ୍ରତିବାଦ

ବାଲେଶ୍ୱର, ୧୫/୦୨ (ନି.ପ୍ର): ସମ୍ପ୍ରତି ସ୍ଥିତିରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଜିଲ୍ଲା ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର ଯୋଗ ଦେଇ ଆଇନ ଶୃଙ୍ଖଳା ରକ୍ଷାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ସମାଲୋଚନା କରିଥିଲେ । ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଚରମ ସ୍ଥିତିରେ ପହଞ୍ଚିଥିବା ବେଳେ ନାରୀ ନିର୍ଯାତନା ମାମଲା ଦ୍ରୁତ ଗତିରେ ବଢ଼ି ଚାଲିଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବା ବେଳେ ଶାସକ ଦଳର ମନ୍ତ୍ରୀଙ୍କୁ ଦ୍ୱିନ ଦ୍ୱିପ୍ରହରରେ ହତ୍ୟା କରାଗଲା । ରାଜ୍ୟର ନେତାମନ୍ତ୍ରୀ ଯେତେବେଳେ ଅସୁରକ୍ଷିତ ସେତେବେଳେ ସାଧାରଣ ଜନତାଙ୍କ ସ୍ଥିତି ବେଶ ଅନୁମେୟ । ସେହିଭଳି ବାଲେଶ୍ୱର ଜିଲା ଏବେ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଥିଲେ । ତେବେ ଜିଲାରେ ହେଉଥିବା ଛୋଟବଡ଼ ସବୁ ଅପରାଧରେ ଥିବା ଶାସକଦଳର ସମ୍ପୃକ୍ତି ପୁଲିସ-ପ୍ରଶାସନକୁ ଅଡୁଆରେ ପକାଇଛି । ଶାସକ ଦଳର ନେତାଙ୍କ ହସ୍ତକ୍ଷେପ ଯୋଗୁଁ ପୁଲିସ ଓ ପ୍ରଶାସନିକ ଅଧିକାରୀ କର୍ତ୍ତବ୍ୟଶୂନ୍ୟ ହୋଇପଡ଼ିଛନ୍ତି ବୋଲି ସେମାନେ ଆରୋପ ଉଠାଇଥିଲେ । ବାଲେଶ୍ୱର ଉପ-ଜିଲାପାଳ ମାଡ଼ ଖାଇବା ପରେ ଅପରେସନ ସ୍ୟାଣ୍ଡଷ୍ଟର୍ମ ଆରମ୍ଭ ହେଲା, ମାତ୍ର ପୂର୍ବରୁ ପ୍ରଶାସନ କାହିଁକି ଶୋଇଥିଲା ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରଶ୍ନ କରିଥିଲେ । ଜିଲାରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣରେ ମାଫିଆଙ୍କ ସହ ଶାସକଦଳର ସମ୍ପୃକ୍ତିକୁ ପୁଲିସ କିମ୍ବା ପ୍ରଶାସନ ପର୍ଦାଫାସ କରୁନାହିଁ । ଅନ୍ୟପକ୍ଷରେ ସହର ମଧ୍ୟରେ ଓ ଉପକଣ୍ଠରେ ୬ଟି ଥାନା ଏବଂ ୧୦ରୁ ଉର୍ଦ୍ଧ୍ୱ ଫାଣ୍ଡି ରହିଥିବା ବେଳେ ପୁରୁଣାବାଲେଶ୍ୱରରେ ବେଆଇନ ମଦ କାରବାର ବନ୍ଦ ହୋଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ । ରାଜ୍ୟ ଅବକାରୀ ମନ୍ତ୍ରୀ ବାଲେଶ୍ୱର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିଲେ ବି ଏଠାରେ ଅବକାରୀ ଭିତ୍ତିଭୂମି ସଜାଡ଼ିବାକୁ ତାଙ୍କର ଆନ୍ତରିକତା ନାହିଁ ବୋଲି ସାଂସଦ କହିଥିଲେ । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ଅଂଶୁମାନ ମହାନ୍ତି, ରାକେଶ ମଲ୍ଲିକ, ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ଠାକୁର ରଣଜିତ ଦାସ, ସତ୍ୟଜିତ ମିଶ୍ର, ପର୍ଶୁରାମ ପରିଡ଼ା ଏବଂ ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତାକୁ ତୀବ୍ର ସମାଲୋଚନା କରିଥିଲେ ।

ଇଂରାଜୀ ମାଧ୍ୟମ ବିଦ୍ୟାଳୟ କେମ୍ବ୍ରିଜର ବାର୍ଷିକ ଉତ୍ସବ ପାଳିତ

ଉଦଳା, ୧୫/୦୨ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଇଂରାଜୀ ମାଧ୍ୟମ ଘରୋଇ ବିଦ୍ୟାଳୟ "କେମ୍ବ୍ରିଜ" ର ୧୫ ତମ ବାର୍ଷିକ ଉତ୍ସବ ଚଳିତ ଫେବୃୟାରୀ ୧୪ ତାରିଖ ମଙ୍ଗଳବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏଥିପାଇଁ ଏକମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । କରୋନା ପାଇଁ କ୍ରମାଗତ ବିଗତ ଦୁଇବର୍ଷ ଧରି ବାର୍ଷିକ ଉତ୍ସବ ପାଳିତ ହୋଇନଥିବାବେଳେ ଚଳିତ ବର୍ଷର ବାର୍ଷିକ ଉତ୍ସବ ପାଇଁ ଉଭୟ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ମହଲରେ ଅହେତୁକ ଆଗ୍ରହ ପରିଲକ୍ଷିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ଦୀକ୍ଷିତ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହ ଆଜକୁ ୧୫ ବର୍ଷ ପୂର୍ବେ ଉଦଳାରେ "କେମ୍ବ୍ରିଜ"ର ଜନ୍ମ ଇତିହାସ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହାପରେ ବିଦ୍ୟାଳୟର ଅଧ୍ୟକ୍ଷା ତ୍ରିପର୍ଣ୍ଣା କର ବିବରଣୀ ପାଠ କରିଥିଲେ । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗଦେଇ ପରୀକ୍ଷାରେ ଭଲ ନମ୍ବର ରଖୁଥିବା ଛାତ୍ରଙ୍କ ନିକଟରେ ଯଦି ଦେଶଭକ୍ତିର ଭାବନା ନଥାଏ ତେବେ ତାଙ୍କୁ ଜଣେ ମେଧାବୀ ଛାତ୍ର ବୋଲି କୁହାଯିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଦେବୀଦତ୍ତା ନାୟକ ଓ ଉଦଳା ତହସିଲଦାର ପ୍ରିୟରଂଜନ ଜେନା ବଞ୍ଚି ରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା ଅତ୍ୟାବଶ୍ୟକ ଅଟେ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନମିତା ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଦୁଖିତ ବାବୁ ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

ଅନୁକୂଳ ଚନ୍ଦ୍ର ସତସଙ୍ଗ କେନ୍ଦ୍ର ପ୍ରତିଷ୍ଠାରେ ୫୦ ହଜାର ଶ୍ରଦ୍ଧାଳୁ ଯୋଗଦେବେ

ବାଲେଶ୍ୱର, ୧୫/୦୨ (ନି.ପ୍ର): ବାଲେଶ୍ୱରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ ତମ ଆବିର୍ଭାବ ମହୋତ୍ସବ ଓ ନବନିର୍ମିତ ସତସଙ୍ଗ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଆସନ୍ତା ୧୯ ତାରିଖ ରବିବାର ଦିନ ସହରର ଅଙ୍ଗାରଗଡ଼ିଆ ସ୍ଥିତ ସତସଙ୍ଗ ବିହାରଠାରେ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସତସଙ୍ଗ ବିହାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି ଉତ୍ସବରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ପ୍ରପୌତ୍ର ଅନିନ୍ଦ୍ୟଦ୍ୱିତୀ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।ଏଥି ସହିତ ବାଲେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବେ ବୋଲି ଆୟୋଜକ କମିଟି କର୍ମକର୍ତ୍ତା କହିଛନ୍ତି । ଅନୁକୂଳ ଚନ୍ଦ୍ର ପ୍ରେମୀ ଶ୍ରଦ୍ଧାଳୁଙ୍କ ସହଯୋଗରେ ୨୦୧୮ ମସିହାରେ ଆାରମ୍ଭ ହୋଇଥିବା ଏହି ସତସଙ୍ଗ ମନ୍ଦିର ନିର୍ମାଣ କାର୍ଯ୍ୟ ଏବେ ପୂର୍ଣ୍ଣାଙ୍ଗ ହୋଇ ପାରିଛି ବୋଲ ତତ୍ତ୍ୱାବଧାରକ ସୁରେନ୍ଦ୍ର ପ୍ରସାଦ ପଟ୍ଟନାୟକ କହିଥିଲେ । ଏହି ଭବ୍ୟ ମନ୍ଦିର ନିର୍ମାଣରେ ପ୍ରାୟ ସାଢେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ସେ ସୂଚନା ଦେଇଥିଲେ । ସତସଙ୍ଗ କେନ୍ଦ୍ର ପ୍ରତିଷ୍ଠା ଓ ଶ୍ରୀ ଶ୍ରୀ ଠାକୁରଙ୍କ ୧୩୫ତମ ଆବିର୍ଭାବ ମହୋତ୍ସବ ପାଳନ କାର୍ଯ୍ୟକ୍ରମରେ ଉଷା କୀର୍ତ୍ତନ, ସମବେତ ବିନତୀ ପ୍ରାର୍ଥନା, ସ୍ୱସ୍ତି ମହାଯଜ୍ଞ, ନଗର କୀର୍ତ୍ତନ ସାଙ୍ଗକୁ ସତସଙ୍ଗ ସଭା ଆୟୋଜିତ ହେବ । ସେହିପରି ସନ୍ଧ୍ୟାରେ ପାଲା ପରିବେଷଣ ସହ ଭଜନ କୀର୍ତ୍ତନ, ସାନ୍ଧ୍ୟ ବିନତୀ ପ୍ରାର୍ଥନା, ଆତସବାଜି ଓ ବିଚିତ୍ରା କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହେବ । ଏହି ଉତ୍ସବରେ ୫୦ ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ସେମାନେ ଆଶାବ୍ୟକ୍ତ କରିଛନ୍ତି । ଏନେଇ ଶ୍ରଦ୍ଧାଳୁଙ୍କ ବିଶ୍ରାମ ସ୍ଥଳ, ପାର୍କିଂ, ପ୍ରସାଦ ସେବନ ଓ ସତସଙ୍ଗ ଆୟୋଜନ ନିମନ୍ତେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିବା କେନ୍ଦ୍ରର ବରିଷ୍ଠ ସଦସ୍ୟ ଡାକ୍ତର ଅଜିତ ଦାସ କହିଥିଲେ ।ଏଥି ସହିତ ସେଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଥିଲେ ।

କେନ୍ଦ୍ର ସରକାରଙ୍କ ଚାଉଳ ନୀତିକୁ ନେଇ କୁରୁଡ଼ାରେ ପ୍ରତିବାଦ

ବାଲେଶ୍ୱର, ୧୫/୦୨ (ନି.ପ୍ର):: ରାଜ୍ୟର କୃଷକ ଓ ଗରିବଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ଦର୍ଶାଇ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ । ଏହି ପରପ୍ରେକ୍ଷୀରେ କୁରୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ମୀମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ଗଣ ଧାରଣା ଦେଇଥିଲେ । କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କେନ୍ଦ୍ର ସରକାରଙ୍କ ଚାଉଳ ଯୋଗାଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ପୂର୍ବରୁ ମିଳୁଥିବା ଚାଉଳ ପରିମାଣ କମାଇବା ସହ ଚାଉଳ ସଂଗ୍ରହରେ ଟାଳଟୁଳ ନୀତି ଯୋଗୁଁ କୃଷକମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଥିଲେ । ଚଳିତବର୍ଷ କେନ୍ଦ୍ର ସରକାର ବଜେଟରେ ଧାନ ସଂଗ୍ରହ ବାବଦରେ ୨୦ହଜାର କୋଟି ଟଙ୍କା ହ୍ରାସ ସହ ମାତ୍ର ୪ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବା ନେଇ କେନ୍ଦ୍ରର ନିଷ୍ପତ୍ତି ଓଡ଼ିଶା ପ୍ରତି ଘୋର ଅବହେଳାକୁ ପ୍ରମାଣିତ କରିଛି । ସେହିଭଳି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ । ତୁରନ୍ତ କେନ୍ଦ୍ରର ମୋଦି ସରକାର ଅନ୍ୟାୟ ନୀତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସରପଞ୍ଚ ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଥିଲେ । କେନ୍ଦ୍ର ସରକାରଙ୍କ ବିରୋଧରେ ୧୬ ତାରିଖରେ ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

୧୬ରେ ଭୁବନେଶ୍ୱରରେ ପୂର୍ବାଞ୍ଚଳ 'ପିଏମ୍ ଗତିଶକ୍ତି ଜାତୀୟ ଲଜିଷ୍ଟିକ୍ ନୀତି' ସମ୍ମିଳନୀ ଆୟୋଜନ କରୁଛି କୋଇଲା ମନ୍ତ୍ରଣାଳୟ

ଭୁବନେଶ୍ୱର,୧୫/୦୨ (ନି.ପ୍ର): ଲଜିଷ୍ଟିକ ଦକ୍ଷତାବୃଦ୍ଧି ଓ ଏ ବାବଦ ଖର୍ଚ୍ଚ ହ୍ରାସ ନିମନ୍ତେ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ (ଏନଏମପି) ହେଉଛି ଏକ ପରିବର୍ତ୍ତିତ ଚିନ୍ତାଧାରା ଓ ପଦକ୍ଷେପ । ଦେଶର ସମନ୍ୱିତ ଭିତ୍ତିଭୂମି ବିକାଶ ପାଇଁ ଏହାକୁ ଆରମ୍ଭ କରାଯାଇଛି । ବିଭିନ୍ନ ମନ୍ତ୍ରଣାଳୟ/ରାଜ୍ୟ/ବିଭାଗ ଶିଳ୍ପାନୁଷ୍ଠାନଗୁଡିକୁ ଏକାଠି କରି ସମନ୍ୱିତ ଯୋଜନା ଓ ସମନ୍ୱୟ ଭିତ୍ତିକ ଭିତ୍ତିଭୂମି ସଂଯୋଗୀକରଣ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବା ହେଲା ଏହାର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ଜାତୀୟ ଲଜିଷ୍ଟିକ୍ସ ନୀତି ଆରମ୍ଭ କରିଛନ୍ତି । ଏହା ଲଜିଷ୍ଟିକ ବାବଦ ବ୍ୟୟ ହ୍ରାସ କରିବା ସହ ଏହାର ଦକ୍ଷତା ମଧ୍ୟବୃଦ୍ଧି କରିଥାଏ । ଜାତୀୟ ଲଜିଷ୍ଟିକ୍ସ ନୀତିର ଆଭିମୁଖ୍ୟ ହେଉଛି ଲଜିଷ୍ଟିକ୍ସ ପ୍ରକ୍ରିୟାର ଡିଜିଟାଇଜେସନ । ବିଭିନ୍ନ ମନ୍ତ୍ରଣାଳୟର ୩୦ଟି ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମକୁ ସମନ୍ୱିତ କରି ଏକକ ଲଜିଷ୍ଟିକ୍ସ ଇଂଟରଫ୍ରେସ ପ୍ଲାଟଫର୍ମ ଆରମ୍ଭ କରାଯାଇଛି । ପୂର୍ବାଞ୍ଚଳ ସମ୍ମିଳନୀ ଜାତୀୟ ଲଜିଷ୍ଟିକ୍ସ ନୀତିକୁ ବିସ୍ତୃତ ଭାବେ ବୁଝିବା ପାଇଁ ବିଭିନ୍ନ ଅଂଶଗ୍ରହଣକାରୀଙ୍କୁ ଏକ ସୁଯୋଗ ପ୍ରଦାନ କରିବ । କୋଇଲା ମନ୍ତ୍ରଣାଳୟ ପିଏମ୍ ଗତିଶକ୍ତି ଜାତୀୟ ଲଜିଷ୍ଟିକ୍ ନୀତି ପୂର୍ବାଞ୍ଚଳ ସମ୍ମିଳନୀ ଭୁବନେଶ୍ୱର ଓଡିଶାଠାରେ ଆସନ୍ତା ୧୬, ୦୨.୨୦୨୩ ଦିନ ଆୟୋଜନ କରିବ । ପୂର୍ବାଞ୍ଚଳ ରାଜ୍ୟ ଯଥା ଓଡିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରେ ଭିତ୍ତିଭୂମି ବିକାଶର ସମନ୍ୱିତ ଯୋଜନା ଓ ସମନ୍ୱୟ ପାଇଁ ଏହି ସମ୍ମିଳନୀ ଆୟୋଜିତ ହେଉଛି । ପୂର୍ବାଞ୍ଚଳ ରାଜ୍ୟଗୁଡିକର ବିଭିନ୍ନ ମନ୍ତ୍ରଣାଳୟ ଯେପରିକି କୋଇଲା, ଡିପିଆଇଆଇଟି, ରେଳବାଇ, ଶକ୍ତି, ଇସ୍ପାତ, ସାର ଓ ରସାୟନ, ସଡକପରିବହନ, ଜାହାଜ ଚଳାଚଳ ଓ ବନ୍ଦର, ଜଳପଥ ଅଧିକାରୀ ଓ ପୂର୍ବାଞ୍ଚଳ ଶିଳ୍ପ ପ୍ରତିନିଧିଗଣ ଏଥିରେ ଯୋଗଦେବେ । ଅଞ୍ଚଳର ସାମଗ୍ରିକ ବିକାଶ ନିମନ୍ତେ ସମ୍ମିଳନୀରେ ଆଲୋଚନା ହେବା ସହ ପ୍ରସ୍ତାବମାନ ଉପସ୍ଥାପିତ ହେବ । ପୂର୍ବାଞ୍ଚଳ ରାଜ୍ୟଗୁଡିକରେ କୋଇଲା ଉତ୍ପାଦନ ଓ ଆବଣ୍ଟନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ କୋଇଲା ମନ୍ତ୍ରଣାଳୟ ଉଦ୍ୟମ କରୁଛି । ମନ୍ତ୍ରଣାଳୟ ବିଶେଷକରି କୋଇଲା ଲଜିଷ୍ଟିକ୍ସ ଓ ଏହାର ଡିଜିଟାଲ ପଦ୍ଧତି ଉପରେ ମୁଖ୍ୟତଃ ଆଲୋକପାତ କରିବ । ଜାତୀୟ ପରିପ୍ରେକ୍ଷୀରେ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସମ୍ମିଳନୀରେ ବିଶଦ୍‌ଭାବେ ମତ ବିନିମୟ ହେବ ।

ଗଞ୍ଜାମ ଜିଲ୍ଲା ମାଣ୍ଡିଆପଲ୍ଲୀ ଗାଁରେ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୧୫/୦୨ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଞ୍ଜାମ ଜିଲ୍ଲା ମାଣ୍ଡିଆପଲ୍ଲୀ ଗାଁରେ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଗଞ୍ଜାମ ଜିଲ୍ଲା ମାଣ୍ଡିଆପଲ୍ଲୀ